ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.237, Bhubaneswar Friday, November 01, 2019 | ୨୨ତମ ବର୍ଷ ସଂଖ୍ୟା-୨୩୭ ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୦୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ସାଲିଆ ସାହିରେ ବିଜେଡିର ଜନସମ୍ପର୍କ ଅଭିଯାନ



ଭୁବନେଶ୍ୱର, ୩୧।୧୦(ପି.ଏନ): ଦିବା ୧୧ ଘଟିକା ସମୟରେ ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଲିଆ ସାହିଠାରେ ଜନସମ୍ପର୍କ ଅଭିଯାନର ଉଦଯାପନୀ ଉତ୍ସବରେ ଯୋଗଦେଇ ବିଜେଡ଼ି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କର ସେବା କରବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ସମାଜସେବୀ ସହିତ ଏକ ସ୍ୱଚ୍ଛ, ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ । ରକ୍ତ ଦାନ ଠାରୁ ଆରମ୍ଭ କରି ବୃକ୍ଷ ରୋପଣ ପର୍ଯ୍ୟନ୍ତ ଓ ପ୍ରବାସୀ ଓଡ଼ିଆଙ୍କୁ ଅସୁବିଧା ସମୟରେ କିପରି ସହଯୋଗର ହାତ ବଢ଼ାଯାଇ ପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଉତ୍ତର ଭୁବନେଶ୍ୱର ନିର୍ବାନମଣ୍ଡଳୀ ଅନ୍ତର୍ଗତ ୨୫ଟି ୱାର୍ଡ଼ ଓ ୫ ଗୋଟି ପଂଚାୟତରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ କର୍ମୀ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରକାର ଆଦିବାସୀ ନୃତ୍ୟ, ଘୋଡ଼ାନାଚ ଓ ସଂକୀର୍ତନ ମଣ୍ଡଳୀର ସହିତ କର୍ମୀମାନେ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଂଚି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସୁଦାମ ମାରାଣ୍ଡୀ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସଂଜୟ ଦାଶବର୍ମା, ବିଧାୟକ ପ୍ରଦୀପ୍ତ ପାଣିଗ୍ରାହୀ, ବିଧାୟକ ଚିଲିକା ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଶାନ୍ତ ଗଜଦେବ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବନେତା ବିଜୟ ନାଏକ, ଅମରେଶ ପତ୍ରୀ, ଚିନ୍ମୟ ସାହୁ, କୁନ ବିହାରୀ ଦାଶ, ସଂଗ୍ରାମ କେଶରୀ ପାଇକରାୟ, ଦୁର୍ଗା ସାମନ୍ତରାୟ, ବିରଂଚି ନାରାୟଣ ମହାସୁପକାର, ରାଣା ପ୍ରତାପ ପାତ୍ର, ଅମରଜିତ ସେନାପତି, ଭାରତୀ ସିଂ, କଳ୍ପତରୁ ଓଝା ପ୍ରମୁଖ ଉଦବୋଧନ ଦେଇଥିଲେ । ଜିଲ୍ଲା ସଭାପତି ଅମରେଶ ଜେନା, ବିଜେଡ଼ି କାର୍ଯ୍ୟକାରୀ ସଭାପତି, ସୁବାସ ପାତ୍ର, ସମରେନ୍ଦ୍ର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପୂର୍ବତନ କର୍ପୋରେଟର ପ୍ରେମାନନ୍ଦ ଜେନା, ବାସନ୍ତି ସିଂ, ଝୁନୁବାଳା ଦେଇ, ସଂଜୟ ସେଠୀ, ନିର୍ମଳ ରାଉତ, ସମୀର ପ୍ରଧାନ, ମାନସୀ ସୁନ୍ଦରାୟ, ସୂର୍ଯ୍ୟକାନ୍ତି ଜେନା, କୁନାଲ ରାଉତ, ମିହୀର କୁମାର ରାଉତ, ହରିଶ ମୁର୍ମୁ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ମାଓବାଦୀଙ୍କୁ ନିପାତ କରିଥିବା ପୋଲିସଙ୍କୁ ମିଳିବ ମେଡ଼ାଲ

ଭୁବନେଶ୍ୱର, ୩୧।୧୦(ପି.ଏନ): ମାଓବାଦୀଙ୍କୁ ନିପାତ କରିଥିବା ଓଡ଼ିଶାର ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପେଶାଲ ଅପରେସନାଲ ମେଡ଼ାଲ ମିଳିବ । ଏହି ମେଡ଼ାଲ ପାଇବା ପାଇଁ ମନୋନୀତ ହୋଇଥିବା ପୋଲିସ ଅଧିକାରୀ ହେଉଛନ୍ତି କର୍ଣ୍ଣେର ବିଶାଲ ସିଂ । ସେ ସମ୍ବଲପୁରର ଏସ.ପି. ଭାବରେ ରହିଛନ୍ତି । ଏହା ବ୍ୟତୀତ ଏଏସପି ନିରଂଜନ ସାହୁ, ଏସଆଇ ମନୋଜ ପ୍ରଧାନ, ଗୁରୁଦେବ କର୍ମୀ ଉମେଶ ସାହୁ, ହେମନ୍ତ ନିଆଳ ପ୍ରମୁଖ ଏହି ପୁରସ୍କାର ପାଇବେ । ସେହିପରି ଅବଶିଷ୍ଟଙ୍କ ମଧ୍ୟରେ ସର୍ଜେଂଟ, ହାବିଲଦାର ଓ କନେଷ୍ଟବଳ ରହିଛନ୍ତି ।

### ବିଷାକ୍ତ ଖାଦ୍ୟ ଖାଇ କଟକ ସ୍ଥାନାନ୍ତର ହୋଇଥିବା ଅଲିଭାର ମୃତ୍ୟୁ

ଭଦ୍ରକ, ୩୧।୧୦(ପି.ଏନ): ଗତ ୨୯ ତାରିଖ ରାତିରେ ବିଷାକ୍ତ ଖାଦ୍ୟ ଖାଇ ମୁମୂର୍ଷ ଅବସ୍ଥାରେ ଭଦ୍ରକରୁ କଟକ ସ୍ଥାନାନ୍ତର ହୋଇଥିବା ମା' ଓ ଝିଅଙ୍କ ମଧ୍ୟରୁ ଝିଅଟିର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ଏଠାରେ ସୂଚନାଯୋଗ୍ୟ ଗତ ୨୯ ତାରିଖ ଦିନ ରାତିରେ ଏହି ଜିଲାର ଘଣ୍ଟେଶ୍ୱର ଅଧୀନସ୍ଥ ହଳଦିଆ ଗ୍ରାମନିବାସୀ ଅଜୟ ପାତ୍ର ଅତ୍ୟନ୍ତ ଦରିଦ୍ର ଥାଇ ପୁରୀରେ ଇଟାଖୋଲରେ କାମ କରନ୍ତି । ସେ ପଠାଉଥିବା ଅର୍ଥରେ ଗ୍ରାମରେ ଥିବା ପତ୍ନୀ ପ୍ରତିଭା ଓ ୧୨ ବର୍ଷର ୮ମ ଶ୍ରେଣୀରେ ପଢୁଥିବା କନ୍ୟା ଅଲିଭା ଦୁଃଖେକଷ୍ଟେ ଚଳନ୍ତି । ଗତ ୨୯ ତାରିଖ ଦିନ ରାତିରେ ଉଭୟ ମା ଓ ଝିଅ ଶୁକୁଆ ଓ ପଖାଳ ଭାତ ଖାଇ ଶୋଇଥିଲେ । ମାତ୍ର ଉକ୍ତ ଖାଦ୍ୟ ଖାଇବା ପରେ ତାହା ବିଷାକ୍ତ ହୋଇଯିବାରୁ ଉଭୟ ବାନ୍ତି କରି ମୁମୂର୍ଷ ଅବସ୍ଥାରେ ଅଚେତ ହୋଇ ଯାଇଥିଲେ । ଫଳରେ ତା ପରଦିନ ଅର୍ଥାତ୍ ୩୦ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ସେମାନେ ନ ଉଠିବାରୁ ପଡୋଶୀ ଗଂଗାଧର ପାତ୍ରଙ୍କ ସମେତ ଅନ୍ୟମାନେ କବାଟ ଭାଙ୍ଗି ଉଭୟଙ୍କୁ ସଂକଟାପନ୍ନ ଅବସ୍ଥାରେ ଦେଖି ପ୍ରଥମେ ଭଦ୍ରକ ଆଣିଥିଲେ । ମାତ୍ର ଭଦ୍ରକରେ ଡାକ୍ତରମାନେ ଆଇସିୟୁର ଅଭାବ ଦର୍ଶାଇ ସେମାନଙ୍କୁ କଟକ ସ୍ଥାନାନ୍ତର କରିଥିଲେ । ଫଳରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ସ୍ଥାନାନ୍ତର କରିବା ନେଇ ଧାମନଗରରୁ ତାହା ଡକାଯାଇଥିଲା ।

## ଗାନ୍ଧୀଙ୍କ ସର୍ବୋଦୟ ମୋଦିଙ୍କ ଗରିବ କଲ୍ୟାଣ :ଧର୍ମେନ୍ଦ୍ର ପ୍ରଧାନ



ବ୍ରହ୍ମଗିରି, ୩୧।୧୦(ପି.ଏନ): ମହାତ୍ମା ଗାନ୍ଧୀ ସ୍ୱରାଜ୍ୟ ପାଇଁ ଲଢେଇ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ସୁରାଜ ପ୍ରତିଷ୍ଠା ପାଇଁ ଚେଷ୍ଟିତ । ଗାନ୍ଧୀଙ୍କ ସର୍ବୋଦୟ ହିଁ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ବୋଲି ପୁରୀ ବ୍ରହ୍ମଗିରି ଠାରେ ଆୟୋଜିତ ବିଜେପି ଗାନ୍ଧୀ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଫନୀ ସହାୟତାସ୍ୱରୂପ ମୋଦି ଦେଇଥିବା ଟଙ୍କା ସବୁ ଗରିବଙ୍କ ପାଖରେ ପହଁଚୁ । ଏଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗରିବ ମା' ଘରେ ଉଜ୍ଜ୍ୱଳା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ପହଁଚାଇ ତା' ଆଖିର ଲୁହ ପୋଛିବା ହେଉ କି ସ୍ୱଚ୍ଛ ଭାରତ ଅଭିଯାନରେ ଗରିବ ଘରେ ପାଇଖାନା, ଗରିବଙ୍କ ମୁଣ୍ଡ ଉପରେ ପକ୍କା ଘର ଅଥବା ଆୟୁଷ୍ମାନ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ, ବଂଚିତ, ନିଷ୍ପେସିତ ଓ ଅବହେଳିତଙ୍କ ସ୍ୱାସ୍ଥ୍ୟସେବା ହେଉ, ସୁକନ୍ୟା ସମୃଦ୍ଧି ଯୋଜନା ହେଉ, ସବୁଠି ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ । ଗାନ୍ଧୀଙ୍କ ବିଚାରକୁ ଘରେ ଘରେ ପହଁଚାଇବାର ଦାୟିତ୍ୱ ସମସ୍ତଙ୍କ ପାଖରେ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ହେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଆୟୋଜିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ଭାରତକୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ରଭାବରୁ ଦେଶକୁ ମୁକ୍ତ କରିବା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବଦଳରେ କାଗଜ ଓ କପଡା ବ୍ୟାଗ୍ ବ୍ୟବହାର କରିବା, ଗଛ ଲଗାଇବା, ଜଳ ସଂରକ୍ଷଣ କରିବା ସହ ଜନ ଆନ୍ଦୋଳନ ତିଆରି କରିବାର ଆବଶ୍ୟକତା ରହିଛି । ଆଜିର ପଦଯାତ୍ରା ଏଥିପାଇଁ ସଚେତନତାର ବାର୍ତା ଦେବ ବୋଲି ସେ କହିଛନ୍ତି ।

## ଜେ-ପଲ୍ ସହ ରାଜ୍ୟ ସରକାରଙ୍କ ବୁଝାମଣା

ଭୁବନେଶ୍ୱର, ୩୧।୧୦(ପି.ଏନ): ଓଡିଶା ସରକାର ଏବଂ ଅବଦୁଲ ଲତିଫ୍ ଜମିଲ ପୋଭର୍ଟି ଆକସନ୍ ଲାବ୍ ବା ଜେ-ପଲ୍ ଦକ୍ଷିଣ ଏସିଆ ମଧ୍ୟରେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଗବେଷଣା ଲବ୍ଧ ତଥ୍ୟର ଉପଯୋଗ ପାଇଁ ଏକ ବୁଝାମଣା ପତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନ କମିଶନର ଶ୍ରୀ ସୁରେଶ ମହାପାତ୍ର ଏବଂ ଜେ-ପଲ୍ ଦକ୍ଷିଣ ଏସିଆ ପକ୍ଷରୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୋଭିନୀ ମୁଖାର୍ଜୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ରାଜ୍ୟ ସରକାରଙ୍କର ୫-ଟି କାର୍ଯ୍ୟକ୍ରମ ଅନୁରୂପ ଏହି ବୁଝାମଣାପତ୍ର ଆମର ନୀତି ନିର୍ଦ୍ଧାରଣରେ ଗବେଷଣାଭିତିକ ସହଯୋଗ ଯୋଗାଇ ସାଧାରଣ ଲୋକଙ୍କ ଜୀବନରେ ପରିବର୍ତନ ଆଣିବାରେ ସହାୟକ ହେବ । ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମର ସୁଫଳ ଯେପରି ସର୍ବାଧିକ ହିତାଧିକାରୀ ପାଇପାରିବେ, ସେ ଦିଗରେ ଉଭୟ କାର୍ଯ୍ୟ କରିବେ୍ୟ ଜେ-ପଲ୍ ଏ ଦିଗରେ ଗବେଷଣା ଲବ୍ଧ ତଥ୍ୟଭିତିକ, ବୈଷୟିକ ସହଯୋଗ ଯୋଗାଇ ଦେବ । ଏହି ସହଯୋଗ କାର୍ଯ୍ୟକ୍ରମରେ ଜେ-ପଲ୍ ରାଜ୍ୟର ବିଭିନ୍ନ ବିଭାଗ ବିଶେଷତଃ ଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର କାର୍ଯ୍ୟକାରୀତା ସଂପର୍କରେ ବିକ୍ଷିପ୍ତ ତଥ୍ୟ ସଂଗ୍ରହ କରି ତାର ମୂଲ୍ୟାଙ୍କନ କରିବୟ ତାସହିତ ଏହିସବୁ କାର୍ଯ୍ୟର ମୂଲ୍ୟାୟନ ଏବଂ ସୁପରିଚ୍ଚଳନା ପାଇଁ ଦକ୍ଷତାବୃଦ୍ଧି ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଏହି ଏହି ସହଯୋଗ କାର୍ଯ୍ୟକ୍ରମ ଦ୍ୱାରା ଓଡିଶାବାସୀଙ୍କ କ୍ରମବର୍ଦ୍ଧିଷ୍ଣୁ ଆଶା ଆକାଂକ୍ଷା ପୂରଣ ସହିତ ଓଡିଶାରେ ଆଣିବାକୁ ଥିବା ପରିବର୍ତନର ଲକ୍ଷ୍ୟ ପୂରଣ ଦିଗରେ ଟିମ୍ ଓଡିଶାର ଉଦ୍ୟମ ସଫଳ ହୋଇପାରିବ । ଜେ-ପଲ୍ ଦକ୍ଷିଣ ଏସିଆ ରାଜ୍ୟ ସରକାରଙ୍କ ସହିତ ଏହି ବୁଝାମଣା କରି ଅତ୍ୟନ୍ତ ଆନନ୍ଦିତ ବୋଲି ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୋଭିନୀ ମୁଖାର୍ଜୀ ପ୍ରକାଶ କରିଥିଲେ । ସେ କହିଲେ ଯେ ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସୁପରିଚ୍ଚଳନା, ଦକ୍ଷତାବୃଦ୍ଧି ସହିତ ଜନସାଧାରଣଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତନ ଅଣିବା ଉପରେ ଗୁରୁତ୍ୱ ଦିଆଯିବ । ବାସ୍ତବ ତଥ୍ୟଭିତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ । ରାଜ୍ୟ ସରକାର ଓ ଜେ-ପଲ୍ ଦକ୍ଷିଣ ଏସିଆ ନିୟମିତ ଭାବରେ ବିଭିନ୍ନ ନୀତି ଉପରେ ବାର୍ଷିକ ଆଲୋଚନା କରି ସରକାରଙ୍କ ପ୍ରାଥମିକତା କ୍ଷେତ୍ର ଚୟନ କରିବା ସହିତ ଆଲୋଚନା ଜରିଆରେ ତଥ୍ୟ ଆଦାନପ୍ରଦାନ କରିବା ଏବଂ ମିଳିତ ଭାବେ ଅଭିନବ ଉପାୟ ଅବଲମ୍ବନ କରିବା ସହିତ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରି କାର୍ଯ୍ୟକ୍ରମ ଗୁଡିକର ମୂଲ୍ୟାଙ୍କନ କରିବେ । ପୁଷ୍ଟିହୀନତା, ମହିଳା ସଶକ୍ତିକରଣ, ଦାଦନ ଶ୍ରମିକ ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟଦକ୍ଷତା ଏବଂ କୃଷି ଉତ୍ପାଦକତା ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ନୀତି ସଂପର୍କରେ ନିୟମିତ ଆଲୋଚନା କରାଯାଇ ସାଧାରଣଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତନ ପାଇଁ ପଦକ୍ଷେପ ନିଆଯିବ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ଦକ୍ଷତାବୃଦ୍ଧି କର୍ତୃପକ୍ଷଙ୍କ ଅଧ୍ୟକ୍ଷ, ମୋ ସ୍କୁଲ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଜେ-ପଲ୍ ର ସହପ୍ରତିଷ୍ଠାତା ଶ୍ରୀ ଅଭିଜିତ୍ ବାନାର୍ଜୀ ଓ ଏଷଥର୍ ଡଫଲୋ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

### ଯୁବତୀ ଚାଲାଣ ବେଳେ ପୋଲିସର ଚଢ଼ଉ

ଜୟପୁର,୩୧।୧୦(ପି.ଏନ): ଯୁବତୀ ଚାଲାଣ ବେଳେ ଟାଉନ ପୋଲିସ ଚଢ଼ଉ କରି ୧୨ ଜଣ ଯୁବତୀ ଓ ୫ ଜଣ ନାବାଳିକା ମୋଟ ୧୭ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି । ଏନେଇ ଆଜି ଏସଡିପିଓ ବରୁଣ ଗୁନ୍ଟୁପାଲ୍ଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଚାଲାଣ କରୁଥିବା ଦଲାଲ୍ ନବରଙ୍ଗପୁର ଜିଲା ନୂଆକୋଟି ଗ୍ରାମର ଯୁବକ ସୁବାଷ ଚନ୍ଦ୍ର ହରିଜନ(୨୬)କୁ ପୋଲିସ ଗିରଫ କରିଛି । ନବରଙ୍ଗପୁର ଜିଲା ପାପାଡହାଣ୍ଡି, ରାଇଘର, ନୂଆକୋଟି ଅଂଚଳର ୧୨ ଜଣ ଯୁବତୀ ଓ ୫ ଜଣ ନାବାଳିକାକୁ ସରକାରୀ ବସ୍ ଯୋଗେ ରାଇଘର ଠାରୁ ବିଶାଖାପାଟଣା ନିଆଯାଉଥିବା ସମ୍ପର୍କରେ ସୂଚନା ପାଇ ଜୟପୁର ଟାଉନ ଥାନା ପୋଲିସର ଏକ ଟିମ୍ ଏହି ବସ୍ ଉପରେ ଚଢ଼ଉ କରିଥିଲେ ।

### ବଲାଙ୍ଗିର ସହରରେ ସେକ୍ସ ର୍ୟାକେଟ୍ ଠାବ

ବଲାଙ୍ଗିର, ୩୧।୧୦(ପି.ଏନ): ବଲାଙ୍ଗିର ସହରରେ ଏକ ସେକ୍ସ ର୍ୟାକେଟ୍ କୁ ଠାବ କରିଛି ପୋଲିସ । ଭୀମଭୋଇ ମେଡିକାଲ କଲେଜ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଏକ ଘରେ ଏହି ଦେହ ବେପାର ଚାଲିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ପୋଲିସ ସେଠାରୁ ଏହି ର୍ୟାକେଟ୍ ରେ ସାମିଲ୍ ଥିବା ଦୁଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣ ଗ୍ରାହକଙ୍କୁ ଅଟକ ରଖିଛି । ଘର ଭିତରୁ ଅନେକ ଆପତିଜନକ ସାମଗ୍ରୀକୁ ପୋଲିସ ଜବତ କରିଛି । ଦୁଇଟି ପୃଥକ୍ ପୃଥକ୍ କୋଠରୀରେ ଏହି ଅନୈତିକ କାରବାର ଚାଲିଥିଲା । ଟାଉନ୍ ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା । ତେବେ କେତେଦିନ ଧରି ଏଠାରେ ଦେହ ବେପାର ଚାଲିଥିଲା ଏବଂ ଅନ୍ୟ କେଉଁମାନେ ଏହି ନେଟୱାର୍କରେ ସାମିଲ୍ ଅଛନ୍ତି ପୋଲିସ ପକ୍ଷରୁ ସେନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ବିଜେଡିର ସଭ୍ୟ ସଂଗ୍ରହ ୩ ସପ୍ତାହ ବୃଦ୍ଧି

ଭୁବନେଶ୍ୱର, ୩୧।୧୦(ପି.ଏନ): ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଅବଧି ବୃଦ୍ଧି ପାଇଛି । ସେପ୍ଟେମ୍ବର ୨ ତରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଗୁରୁବାର ଶେଷ ଦିନ ହୋଇଥିବା ବେଳେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ୩ ସପ୍ତାହ ବୃଦ୍ଧି କରିଛନ୍ତି । ଟାର୍ଗେଟ୍ ଅନୁଯାୟୀ ସଭ୍ୟ ସଂଗ୍ରହ ହୋଇ ପାରିନଥିବାରୁ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଲକ୍ଷ୍ୟ ପୂରଣ କରିବାକୁ ବିଜେଡି ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ସୁଦ୍ଧା ୪୧ ଲକ୍ଷ ସଭ୍ୟ ସଂଗ୍ରହ ହୋଇଛି । ଯାଜପୁର ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୮୧ ହଜାର ସଭ୍ୟ ସଂଗ୍ରହ କରାଯାଇଛି । ୫୦ ଲକ୍ଷ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଗତ କିଛିଦିନ ଧରି ନିୟମିତ ଭାବେ ବିଭିନ୍ନ ଜିଲ୍ଲା ପର୍ଯ୍ୟବେକ୍ଷକ, ଜିଲ୍ଲା ସଭାପତି ଓ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ଫୋନ୍ କରି ସଭ୍ୟ ସଂଗ୍ରହର ସ୍ଥିତି ପଚାରି ବୁଝିବା ସହ ଏହାକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଉଛନ୍ତି । ଫୋନ୍ ପାଉଥିବା ନେତାମାନେ ଏବେ ନିଜ ଅଂଚଳରେ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବାରେ ଲାଗିଥିବା ଜଣାପଡ଼ିଛି । ଆଜି ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସଭ୍ୟ ସଂଗ୍ରହରେ ସବୁଠୁ ଆଗରେ ଯାଜପୁର ଥିବାବେଳେ ତା'ପଛକୁ ମୟୂରଭଞ୍ଜ, ଗଞ୍ଜାମ ଓ କଟକ ଆଦି ଜିଲ୍ଲା ରହିଥିବାରୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଥିଲେ । ତେବେ ପଛରେ ପଡ଼ିଥିବା ଝାରସୁଗୁଡ଼ା, ବୌଦ, ଗଜପତି ଆଦି ଜିଲ୍ଲାରେ ସଭ୍ୟ ସଂଗ୍ରହର ଅଗ୍ରଗତିକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦଳ ଏଥର ପ୍ରାୟ ଏକ କୋଟି ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଆଜିସୁଦ୍ଧା ଅନଲାଇନରେ ମାତ୍ର ୧୪ଲକ୍ଷ ସଭ୍ୟ ସଂଗ୍ରହ ହୋଇଥିବା ସୂଚନା ମିଳିଛି । ତେବେ ଅଫଲାଇନରେ ଏହି ସଭ୍ୟ ସଂଗ୍ରହ ସଂଖ୍ୟା ୩୮ରୁ ୪୦ଲକ୍ଷ ହେବ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି । ଅନଲାଇନରେ ସଭ୍ୟମାନଙ୍କ ଡାଟା ଅପଲୋଡ୍ ପାଇଁ ସମୟ ଲାଗୁଥିବାବେଳେ ଆଉ ୩ ସପ୍ତାହ ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ପରିମାଣର ସଭ୍ୟ ସଂଗ୍ରହ କରାଯିବ ବୋଲି ଦଳର ବରିଷ୍ଠ ନେତାମାନେ ମତବ୍ୟକ୍ତ କରିଛନ୍ତି ।

## ପିଇଓ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ରାଜଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୩୧।୧୦(ପି.ଏନ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ହରିଦାସପୁର ଗ୍ରାମ ପଂଚାୟତର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ଏହା ପରେ କଂଗ୍ରେସ ପକ୍ଷରୁ ଏକ ସ୍ମାରକ ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଶିବାନନ୍ଦ ରାୟ , ସନ୍ଧ୍ୟା ମହାପାତ୍ର , ପଦ୍ମାକର ଗୁରୁ ପ୍ରମୁଖ ସାମିଲ ଥିଲେ ।ଏହି ଅବସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ରୁପେଶ ଭଦ୍ରଙ୍କୁ ଖସାଇ ଦେବାକୁ ଚେଷ୍ଟା କରାଯାଉଛି । ସେମାନେ ସରକାରୀ ଦଳର ଲୋକ । ସେଥିପାଇଁ ଏହି ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଛି । ତେବେ ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ । ଯଦି ସ୍ମିତାରାଣୀ ଆତ୍ମହତ୍ୟା କରିବାର ଥିଲା, ତାହାହେଲେ ସେ ଗେଷ୍ଟହାଉସରେ ଯାଇକି କାହିଁକି ଆତ୍ମହତ୍ୟା କଲେ ? ତାଙ୍କୁ ଗେଷ୍ଟ ହାଉସକୁ ଡକାଯାଇ ତାଙ୍କ ସହ ଏପରି କିଛି ଘଟଣା ଘଟିଛି, ସେ ଏପରି କରିଛନ୍ତି । ଯଦି ସେ ଗେଷ୍ଟ ହାଉସରେ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି, ଏହି ବିଷୟରେ ସଙ୍ଗେସଙ୍ଗେ ପୋଲିସକୁ ଜଣାଇବାର ଥିଲା । ତାହା ନକରି ତାଙ୍କୁ ହସପିଟାଲକୁ କାହିଁକି ନିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଧାରଣା ଓ ପ୍ରତିବାଦ ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ୍, ପ୍ରାକ୍ତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ପ୍ରାକ୍ତନମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ, ପ୍ରଦେଶ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡା, ଧର୍ମଶାଳା ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସ୍ମୃତିରେଖା ପହି, କୁଳମଣି ସାହୁ, ଦିନେଶ ପରିଡା, ଅମରେଶ ପରିଡା, ପ୍ରଦୀପ ମହାପାତ୍ର, ରାହାସ ବିହାରୀ ଦାସ, ଦୁର୍ଯ୍ୟୋଧନ ବେହେରା, ମାନସ ରଂଜନ କରଙ୍କ ସମେତ ଶତାଧିକ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ । ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ତଥ୍ୟ ଅନୁଧାନ କମିଟି ଅଧ୍ୟକ୍ଷ ବିଧାୟକ ଇଂ. ମହମ୍ମଦ ମୋକିମ୍ଙ୍କ ସମେତ ଏକ ୨୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତାଙ୍କର ସ୍ୱତନ୍ତ୍ର ସଚିବଙ୍କୁ ସ୍ୱର୍ଗତା ବିଶ୍ୱାଳଙ୍କ ମୃତ୍ୟୁ ରହସ୍ୟର ସିବିଆଇ ତଦନ୍ତ ଦାବି ସହ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟାରତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ ତଦନ୍ତ କରାଯିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ଇ-ଷ୍ଟାମ୍ପ ବିରୋଧରେ ତେଜିଲା ଷ୍ଟାମ୍ପ ଭେଣ୍ଡରଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୩୧।୧୦(ପି.ଏନ): ଇ-ଷ୍ଟାମ୍ପକୁ ବିରୋଧ କରି ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘ ପକ୍ଷରୁ ଭୁବନେଶ୍ୱରରେ ଷ୍ଟାମ୍ପ ବିକ୍ରୀ ବନ୍ଦ କରାଯିବା ସହ ତହସିଲ ଓ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଛି । ଏଥି ସହ ଇ-ଷ୍ଟାମ୍ପ କାର୍ଯ୍ୟାଳୟକୁ ତାଲା ପକାଯାଇଛି । ସରକାରଙ୍କ ଇ-ଷ୍ଟାମ୍ପ ପ୍ରମୋହନ କମ୍ପାନୀ ପ୍ରୀତି ଯୋଗୁଁ ୩୦ଟି ଜିଲ୍ଲାର ୪ହଜାର ଷ୍ଟାମ୍ପ ଭେଣ୍ଡର ଗୁଜୁରାଣ ହରାଇବେ ବୋଲି କୁହାଯାଇଛି । ମହାସଂଘ ପକ୍ଷରୁ କୁହାଯାଇଛି ଯେ, ପୂର୍ବରୁ ଷ୍ଟାମ୍ପ ଭେଣ୍ଡରଙ୍କୁ ସର୍ବାଧିକ ୫ଲକ୍ଷ ଟଙ୍କାର ପେପର କିଣାବିକା ପାଇଁ ସ୍ୱିକୃତୀ ରହିଥିଲା । ତେବେ ସରକାର ଇ-ଷ୍ଟାମ୍ପ ବିକ୍ରୀ ଲାଗୁ କରିବା ପରେ ଏକ ହଜାର ଟଙ୍କାରୁ ଉର୍ଦ୍ଧ ଟଙ୍କାରୁ ଇ-ଷ୍ଟାମ୍ପ ପ୍ରଚଳନ ହବ ଘୋଷଣା କରିଥିଲେ । ଏବେ ପୁଣି ଷ୍ଟାମ୍ପ ଭେଣ୍ଡର ମହାସଂଘ ସହ ଆଲୋଚନା ନକରି ସରକାର ଏକ ଟଙ୍କାରୁ ଉର୍ଦ୍ଧ ଷ୍ଟାମ୍ପ ବିକ୍ରୀ ପାଇଁ ଘୋଷଣା କରିବା ସହ ବିଭିନ୍ନ କାର୍ଯ୍ୟାଳୟରେ ବିକ୍ରୀ ଆରମ୍ଭ ହୋଇଛି । ଯାହା ଫଳରେ ୩୦ଟି ଜିଲ୍ଲାର ୪ହଜାର ଷ୍ଟାମ୍ପ ଗୁଜୁରାଣ ହରାଇବେ । ଆଜି ଭୁବନେଶ୍ୱର ସବ୍ ରେଜିଷ୍ଟାର କାର୍ଯ୍ୟାଳୟରେ ଏହାକୁ ବିରୋଧ କରି ଇ-ଷ୍ଟାମ୍ପ କାର୍ଯ୍ୟାଳକୁ ତାଲା ପକାଇବା ସହ କାର୍ଯ୍ୟ ବନ୍ଦ କରାଯିବା ସହ ରାଜଧାନୀରେ ସବ୍ ରେଜିଷ୍ଟାର କାର୍ଯ୍ୟାଳୟ ଆଗରେ ଶତାଧିକ ସଭ୍ୟ ମାନଙ୍କ ଦ୍ୱାରା ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି । ଏହା ନେଇ ଜୁଡିସିଆଲ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏଥିପାଇଁ ମହାସଂଘ ସରକାରଙ୍କୁ ଦାୟି କରିଛନ୍ତି । ଆସନ୍ତା ନଭେମ୍ବର ୩ତାରିଖରେ ଆଗାମୀ ଅନ୍ଦୋଳନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ମମତାଜ ଡ୍ରାଇଭିଂ ସ୍କୁଲ ପରିଦର୍ଶନରେ ବରିଷ୍ଠ ଅଧିକାରୀ



ଭୁବନେଶ୍ୱର,୩୧।୧୦(ପି.ଏନ): ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ-୧ର ବିଭାଗୀୟ ଅଧିକାରୀ ଲକ୍ଷ୍ମଣ ସୁବୁଦ୍ଧି, ଭୁବନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଅଂଶୁମାନ ରଥ, ଭୁବନେଶ୍ୱର କର୍ମନିଯୁକ୍ତି ଅଧିକାରୀ ସୁଶାନ୍ତ କୁମାର ନାୟକ ଖାରବେଳ ନଗରସ୍ଥିତ ମମତାଜ ଡ୍ରାଇଭିଂ ସ୍କୁଲକୁ ପରିଦର୍ଶନରେ ଆସିଥିଲେ । ରାଜ୍ୟସରକାରଙ୍କ ପକ୍ଷରୁ ପିପିପି ମୋଡ଼ରେ ସାମିଲ ଥିବା ହେତୁ ମମତାଜ ଡ୍ରାଇଭିଂ ସ୍କୁଲକୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ଡ୍ରାଇଭିଂ ସ୍କୁଲରେ କିଭଳି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ତଦାରଖ କରିବା ସହ ପଚାରି ବୁଝିଥିଲେ । ଉକ୍ତ କାର୍ଯ୍ୟକ୍ରମ ୧୦ ଅକ୍ଟୋବର ୨୦୧୯ରୁ ଆରମ୍ଭ ହୋଇ ୪୫ ଦିନ ପର୍ଯ୍ୟନ୍ତ ଚାଲିବ । ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇ ସେମାନେ କିଭଳି ଟ୍ରେନିଂ ପରେ କାର୍ଯ୍ୟକ୍ଷମ ହୋଇପାରିବେ ସେଥିପ୍ରତି ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯାଉଛି । ମମତାଜ ଡ୍ରାଇଭିଂ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନର ଶୈଳୀରେ ଉକ୍ତ ଅଧିକାରୀମାନେ ସନ୍ତୋଷ ବ୍ୟକ୍ତ କରିବା ସହ ସ୍କୁଲ ରେଜିଷ୍ଟରରେ ଦସ୍ତଖତ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ଏସ.କେ. ତବାରକ ଅଲ୍ଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ମମତାଜ ଡ୍ରାଇଭିଂ ସ୍କୁଲରେ ରାଜ୍ୟରୁ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡ୍ରାଇଭିଂ ଶିକ୍ଷା ପ୍ରଦାନ କରି ରୋଜଗାରକ୍ଷମ କରିବାରେ ନିର୍ଣ୍ଣାୟକ ଭୂମିକା ବହନ କରିଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




### ଆଦର୍ଶ ଶିକ୍ଷୟିତ୍ରୀ ଆରତୀ ମଞ୍ଜରୀଙ୍କ ଅକାଳ ବିୟୋଗରେ ସ୍ମୃତି ସଭା

# ଘଟର ଅବସାନ ହୋଇଛି ସତ କିନ୍ତୁ ଆତ୍ମା ଅବିନଶ୍ୱର





ବାଲେଶ୍ୱର,୩୧/୧୦(ପିଏନ): ଆଦର୍ଶ ଶିକ୍ଷୟିତ୍ରୀ ଆରତୀ ମଞ୍ଜରୀ ମହାନ୍ତିଙ୍କର ଦ୍ୱାଦଶ ଅବସରରେ ଏକ ସ୍ମୃତି ସଭା ତାଙ୍କ ଜନ୍ମସ୍ଥାନ ବାସୁଦେବପୁର ପୌରପଳିକା ଅଧିନସ୍ଥ ବାଖରପୁର ଗ୍ରାମରେ ଦୀପାବଳି ଦିନ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ତଥା ଯୋଗୀ ଗୌରାଙ୍ଗ ଚନ୍ଦ୍ର ପଟ୍ଟନାୟକଙ୍କର ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବାସୁଦେବପୁର ୟୁ.ଜି.ଏମ.ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ପଣ୍ଡା, ବାସୁଦେବପୁର ଅଟଳ ବିହାରି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ, କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, ସାମ୍ବାଦିକ ବନମାଳୀ ବାରିକ, କିଶୋର ମହାପାତ୍ର, ନକୁଳ ମଲ୍ଲିକ, ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ, ଦିଲ୍ଲୀପ କୁମାର ମିଶ୍ର, ମିନତୀ କୁଆଁର, ଦମୟନ୍ତୀ ଶତପଥୀ, ସାବିତ୍ରୀ ବାରିକ, ପୂର୍ବତନ ନଗରପାଳ ଅଶୋକ କୁମାର ଦାସ, ସମାଜସେବୀ ଇଂ. ମାଧବ ଚନ୍ଦ୍ର ମହାନ୍ତି, ରାଧଗୋବିନ୍ଦପୁର ୟୁ.ଜି.ଏମ.ଇ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ଏବଂ ଆତ୍ମୀୟ ସ୍ୱଜନଙ୍କ ମଧରେ ନିତ୍ୟାନନ୍ଦ ପଟ୍ଟନାୟକ ଓ ଗ୍ରାମବାସୀମାନେ ଏହି ସ୍ମୃତି ସଭାରେ ଯୋଗ ଦେଇ ସ୍ୱର୍ଗତଃ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶିଶୁ କଣ୍ଠଶିଳ୍ପୀ କୁମାରୀ ସ୍ନେହାଙ୍କିତା ମହାନ୍ତି ବେଦମନ୍ତ୍ର ଉଚ୍ଚାରଣ କରିଥିଲେ । ସ୍ୱର୍ଗୀୟା ଆରତୀ ମହାନ୍ତି ବାଖରପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କୃତୀ ଶିକ୍ଷକ ସ୍ୱର୍ଗତ ନରହରି ମହାନ୍ତିଙ୍କର କନିଷ୍ଠା କନ୍ୟା । ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟର ଉଚ୍ଚଶିକ୍ଷା କୃତିତ୍ୱର ସହ ହାସଲ କରିବା ପରେ ସେ ଆଗରପଡା ବି.ଇଡି କଲେଜରୁ ତାଲିପ୍ରାପ୍ତ ହୋଇ ପ୍ରଥମେ ମାର୍କୋଣା ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ପରେ ବାସୁଦେବପୁର ୟୁଜିଏମଇ ସ୍କୁଲରେ ଦୀର୍ଘ ୨୫ ବର୍ଷ ଧରି ଶିକ୍ଷକତା କରି ଛାତ୍ରଛାତ୍ରୀଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଥିଲେ ଓ ପରେ ରାଧାବଲ୍ଲଭପୁର ୟୁଜିଏମଇ ସ୍କୁଲରେ ଡେପୁଟେସନରେ ଆସି ଶିକ୍ଷକତା କରୁଥିଲା ବେଳେ ତାଙ୍କର ଅକାଳ ବିୟୋଗ ଘଟିଛି । ତାଙ୍କର ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାରଠାରେ ଦାହ କରାଯାଇଥିଲା ବେଳେ ଏକାଦଶାହ କର୍ମ ତାଙ୍କ ଶାଶୁଘର ଗାଁ ଯାଜପୁର ଜିଲ୍ଲା କଲ୍ୟାଣପୁରରରେ ସମାପନ ହୋଇଥିଲା ବେଳେ ଦ୍ୱାଦଶାହ କ୍ରିୟା ଓ ନାରାୟଣ ସେବା କାର୍ଯ୍ୟକ୍ରମ ବାଖରପୁରସ୍ଥିତ ଶ୍ରୀ ଶ୍ରୀ ଗୋପାଳ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇଥିବା ଶିକ୍ଷାବିତ୍‌ମାନଙ୍କର ବକ୍ତବ ଥିଲା ଯେ ଆତ୍ମା ଅବିନଶ୍ୱର, ମଣିଷ ଘଟ ପରିବର୍ତ୍ତନ କରେ ସତ କିନ୍ତୁ କିର୍ତ୍ତୀ ଓ କୃତୀ ଜଣଙ୍କୁ ଚିରକାଳ ଅମର କରି ରଖେ । ସେହିପରି ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗୀୟା ଆରତୀ ମଞ୍ଜରୀଙ୍କ ହସହସ ମନୋଭାବ ଓ ଉନ୍ନତମାନର ଶିକ୍ଷାଦାନ, ଛାତ୍ରବତ୍ସଳତା ଓ ସର୍ବୋପରି ନିଷ୍ପାପର ଦାନ ଓ ଦୁଃଖୀରଙ୍କି ସେବା ଓ ଗୋ' ସେବା ତଥା ପରୋପକାର ତାଙ୍କୁ ଚିରକାଳ ଅମର କରି ରଖିବ ବୋଲି ବକ୍ତାମାନେ ମତବ୍ୟକ୍ତି କରିଥିଲେ ।

## ପୁଣି ଚାଷୀ ଆତ୍ମହତ୍ୟା ଅଭିଯୋଗ !

ବାଲେଶ୍ୱର,୩୧/୧୦: ଋଣ ଭାର ସହିନପାରି ସିମୁଳିଆ ଥାନା କବିରପୁର ଅଞ୍ଚଳର ବିଜୟ ପରିଡା ନାମକ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ବିଜୟ ନିଜ ଚାଷ ଜମି ଦେଖିବାକୁ ଯାଇଥିଲେ । ବିଲରୁ ଘରକୁ ଫେରିବା ପରେ ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା । ବିଜୟଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ମାର୍କୋଣା ହସପିଟାଲରେ ଭର୍ତ୍ତି କରିଥିଲେ । କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଜୟ ବିଭିନ୍ନ ବ୍ୟାଙ୍କ ଏବଂ ମହାଜନଙ୍କ ପାଖରୁ ଟଙ୍କା ଧାର ସୁତ୍ରରେ ଆଣି ଚାଷ କରିଥିଲେ । ଋଣରେ ବୁଡି ରହି ସବୁ ସମୟରେ ସେ ଚିନ୍ତାଗ୍ରସ୍ତ ହୋଇରହୁଥିଲେ । ସେ ମାନସିକ ଭାରସାମ୍ୟ ହରାଇ ବିଷ ପାନ କରି ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

## ମଦମୁକ୍ତ ପଞ୍ଚାୟତ ପାଇଁ ମହିଳାଙ୍କ ଆନ୍ଦୋଳନ

ବାଲେଶ୍ୱର,୩୧/୧୦: କଲ୍ୟାଣପୁର ପଞ୍ଚାୟତରେ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରିଛନ୍ତି । ଏହି ପଞ୍ଚାୟତରେ ବେଆଇନ ଭାବେ ମଦ ଦୋକାନ ଥିବା ବେଳେ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏହି ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ମଦମୁକ୍ତ କରିବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଶତାଧିକ ମହିଳା ହାତରେ ବେନର ଧରି ଗ୍ରାମ ପରିକ୍ରମା କରିବା ସହିତ ମଦ ବନ୍ଦ ପାଇଁ ବିକ୍ଷୋଭ କରିଥିଲେ । ଦିନକୁ ଦିନ ବଢିଚାଲିଥିବା ବେଆଇନ ଓ ଚୋରା ମଦ ବେପାରୀଙ୍କ ରାଜ୍ ବଢିଚାଲିଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ମଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନନେଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବେ ବୋଲି ଆନ୍ଦଳନକାରୀମାନେ ଚେତାବନି ଦେଇଛନ୍ତି ।

### ବାଲେଶ୍ୱରରେ ବାଣ ଫୁଟାଉଥିଲା ବେଳେ ୨ ଗୁରୁତର

ବାଲେଶ୍ୱର,୩୧/୧୦: ସହଦେବଖୁଣ୍ଟା ଗୁଡିପଦା ଅଞ୍ଚଳର ମାଣିକ ସେଖ୍ ଏବଂ ପୁରୁଣା ବାଲେଶ୍ୱରର ରାଜକିଶୋର ନନ୍ଦ ବାଣ ଫଟାଉଥିଲା ବେଳେ ହାତରେ ବାଣ ଫୁଟି ଗୁରୁତର ହୋଇଛନ୍ତି । ହାତରେ ବାଣ ଫୁଟିବା ଯୋଗୁଁ ଜଣଙ୍କର ଦୁଇଟି ହାତ ଆଙ୍ଗୁଠି ଫାଟି ଯାଇଛି ଏବଂ ଅନ୍ୟଜଣଙ୍କର ବାରୁଦରେ ନିଆଁ ଲାଗି ପୋଡିଯାଇ ଅବସ୍ଥା ଗୁରୁତର ହୋଇଛି । ସେମାନଙ୍କୁ ବାଲେଶ୍ୱର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି ।

# ପୁଲିସକୁ ମାଡ ମାରି ଅଭିଯୁକ୍ତକୁ ଛଡାଇ ନେବା ଅଭିଯୋଗରେ ୩ ଗିରଫ

ବାଲେଶ୍ୱର,୩୧/୧୦(ପିଏନ): ପୁଲିସକୁ ମାଡ ମାରି ଅଭିଯୁକ୍ତକୁ ଛଡାଇ ନେବା ଘଟଣାରେ ୩ଜଣ ଗିରଫ ହୋଇଛନ୍ତି । ଏହି ଘଟଣା ନୀଳଗିରି ଥାନା ଅଧିନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଜୁରିଆପାଟଣା ଗ୍ରାମରେ ଘଟିଛି । ଘଟଣାରୁ ପ୍ରକାଶ ଯେ, ରାଉରକେଲା ଛେଣ୍ଡି ଥାନା ଅଧିନସ୍ଥ କଳିଙ୍ଗବିହାର ନିବାସୀ ସଦାନନ୍ଦ ସାହୁ ଏକ ଜାଗା କିଣିବା ପାଇଁ ନୀଳଗିରି ଥାନା ଅଧିନସ୍ଥ ଜୁରିଆପାଟଣା ଗ୍ରାମର ଅଜୟ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ । ଅଜୟ ମଲ୍ଲିକ ପାନ୍ଥ ନିବାସ ନିକଟରେ ପ୍ଲଟର ମୂଲ୍ୟ ୧୦ ଲକ୍ଷ ଟଙ୍କା ବୋଲି ସଦାନନ୍ଦଙ୍କୁ କହିଥିଲେ । ସଦାନନ୍ଦ ଏଥିରେ ରାଜି ହୋଇ ଗତ ତା.୩୧.୮.୨୦୧୯ରିଖ ଦିନ ୧୦ ଲକ୍ଷ ଟଙ୍କା ଧରି ଆସିଥିଲେ । ଅଜୟ ନିଜର ସହଯୋଗୀଙ୍କ ସହ ମିଶି ସଦାନନ୍ଦଙ୍କୁ ନେଇ ପ୍ରଥମେ ଖନ୍ତାପଡା ଓ ପରେ ରେମୁଣା ଗୋଲେଇ ହୋଇ ମିତ୍ରପୁରରେ ପହଞ୍ଚିଥିଲେ । ମିତ୍ରପୁର ଅଞ୍ଚଳର ଏକ ଜଙ୍ଗଲ ଭିତରକୁ ନେଇ ସଦାନନ୍ଦଜୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଛଡାଇନେଇ ସେରଗଡ ଟୋଲ୍ ଗେଟ୍ ପାଖରେ ଛାଡି ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପରେ ସଦାନନ୍ଦ ଘଟଣା ସମ୍ପର୍କରେ ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ଥାନାରେ କେସ୍ ନମ୍ବର ୨୦୪/୧୯, ଦଫା ୪୨୦, ୨୯୪, ୫୦୬, ୩୪ ଧାରାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା । ପୁଲିସ ନିଜ ଗ୍ରାମରୁ ଅଭିଯୁକ୍ତ ଅଜୟକୁ ଧରିଥିବା ବେଳେ ତା'ର ୨୦ରୁ ଉର୍ଦ୍ଧ୍ୱ ସମର୍ଥକ ପୁଲିସକୁ ମାଡ ମାରି ଅଭିଯୁକ୍ତକୁ ଖସାଇ ଦେଇଥିଲେ । ଏହି ଆକ୍ରମଣ ଯୋଗୁଁ ୩ ଜଣ ପୁଲିସ ଆହତ ହୋଇଥିବାର ଜଣାପଡିଛି ଏବଂ ୫ ଜଣ ପୁଲିସଙ୍କୁ ସେମାନେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ଖବର ପାଇ ନୀଳଗିରି ଆଇଆଇସି ଲଳିତା ମୋଦୀ ସେଠାରେ ପହଞ୍ଚି ଅଟକ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାକୁ ନେଇ ପୁଲିସ ଜୁରିଆପାଟଣା ଗ୍ରାମର ମୀନା ମଲ୍ଲିକ (୪୩), ଚନ୍ଦନ କୁମାର ମଲ୍ଲିକ (୨୨) ଏବଂ ଅଭିଯୁକ୍ତ ଅଜୟ ମଲ୍ଲିକଙ୍କ ସ୍ତ୍ରୀ ସୁଶିଳା ମଲ୍ଲିକ (୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଚାଷୀଜଣଙ୍କର ମାତ୍ର ୫୩ ବର୍ଷ ହୋଇଥିଲା ବୋଲି ଜଣାପଡିଛି ।

# ରିଲାନ୍ସ ସ୍ମାର୍ଟ ସପିଂ ମଲ୍‌ରେ ଗ୍ରାହକ ଶୋଷଣ ଚାଲିଛି

ବାଲେଶ୍ୱର,୩୧/୧୦(ପିଏନ): ଗ୍ରାହକମାନଙ୍କୁ ସୁଲଭ ଓ ଶସ୍ତା ଦରରେ ସାମଗ୍ରୀ ଯୋଗାଇବା ନାମରେ ମାତ୍ର ଅଳ୍ପ ଦିନ ପୂର୍ବେ ବାଲେଶ୍ୱର ଷ୍ଟେସନ ଛକ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିବା ରିଲାନ୍ସ ସ୍ମାର୍ଟ ସପିଂ ମଲ୍ ଏବେ ଜନଅସନ୍ତୋଷର ଶିକାର ହୋଇଛି । ଗ୍ରାହକମାନେ ସଠିକ୍ ସେବା ପାଇବା ପରିବର୍ତ୍ତେ ଶୋଷଣର ଶିକାର ହୋଇଛନ୍ତି । ଗୋଟିଏ ସାମଗ୍ରୀକୁ ଦୁଇଥର ବିଲିଂ କରୁଥିଲା ବେଳେ ଏ ସମ୍ପର୍କରେ ଗ୍ରାହକ ପ୍ରତିବାଦ କଲେ ମଧ ଶୁଣିବାକୁ କେହି ନାହାନ୍ତି । କିଛି ଅଳ୍ପ ଓ ଅର୍ଦ୍ଧ ଶିକ୍ଷିତ କର୍ମଚାରୀଙ୍କୁ ନିମ୍ନମାନର ଦରମା ଦେଇ ଏଠାରେ ମୂତୟନ କରାଯାଇଛି । ଯେଉଁମାନେ ଗ୍ରାହକଙ୍କ ସାମଗ୍ରୀକୁ ସଠିକ୍ ଭାବେ ମୂଲ୍ୟାୟନ ନକରି ଗୋଟିଏ ସାମଗ୍ରୀକୁ ବାରବାର ବିଲିଂ କରୁଥିବାର ଅଭିଯୋଗ ହେଉଛି । ଷ୍ଟେସନ ଛକର ପ୍ରବେଶ ପଥରେ ବେଆଇନ ପାର୍କିଂ ହେଉଥିଲେ ହେଁ ଏଥିପ୍ରତି ଟ୍ରାଫିକ୍ ପୁଲିସ ଓ ଜିଲ୍ଲା ପ୍ରଶାସନର ନଜର ନାହିଁ । ଫଳରେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ମଧ ଘଟୁଥିବାର ଦେଖାଯାଉଛି । କେତେବେଳେ ପାର୍କିଂକୁ ନେଇ ତ ପୁଣି କେତେବେଳେ ଗ୍ରାହକଙ୍କ ଅସନ୍ତୋଷକୁ ନେଇ ଗଣ୍ଡୋଗଳ ସୃଷ୍ଟି ହେଉଛି । ପୁଲିସର ହସ୍ତକ୍ଷେପ ପରେ କମୁଛି ଉତ୍ତେଜନା । ସୁପର ଷ୍ଟୋରରେ ବିକ୍ରି ପାଇଁ ମହଜୁଦ ଥିବା ସାମଗ୍ରୀରେ ଆବଶ୍ୟକୀୟ ଲେବୁଲ୍, ତାରିଖ ଓ ବୈଧ୍ୟତା ତାରିଖ ନଥିବା, ଗୋଟିଏ କିଣିଲେ ଅନ୍ୟଟି ମାଗଣା ଲେଖା ଥିବା ବେଳେ ଏହା କାର୍ଯ୍ୟକାରୀ ନକରିବା ଆଦି ଅଭିଯୋଗକୁ ନେଇ ଗ୍ରାହକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଷ୍ଟୋର କର୍ମଚାରୀ ଓ ଗ୍ରାହକଙ୍କ ମଧରେ ପ୍ରବଳ ହଟ୍ଟଗୋଳ ହେବାରୁ ଖବର ପାଇ ଘଟଣାସ୍ଥଳରୁ ସହଦେବଖୁଣ୍ଟା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଆୟତ୍ତ ହୋଇଛି । ତେଣୁ ଆଗକୁ ଏହି ସମସ୍ୟାର ସମାଧାନ ନହେଲେ ଭବିଷ୍ୟତରେ ଶାନ୍ତିଭଙ୍ଗ ହେବାର ପରିସ୍ଥିତି ଦେଖାଦେବାର ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ ଯେ, ଏଠାରେ ନିମ୍ନମାନର ପଚା ପନିପରିବା, ଫଳମୂଳ ଆଦି ବିକ୍ରି ହେଉଛି । କେବଳ ଗୋଟିଏ ଦୁଇଟି ସାମଗ୍ରୀ ବଜାର ଦରଠାରୁ କମ୍ ଦରରେ ମିଳୁଥିବା ଘୋଷଣା କରି ଅନ୍ୟାନ୍ୟ ସାମଗ୍ରୀକୁ ଚଢା ଦରରେ ବିକ୍ରି କରାଯାଉଛି ।

### ବଡ଼ଚଣା ବ୍ଲକରେ ସରକାରୀ ନିୟମ ଖୁଲମ ଖୁଲା ଉଲଂଘନ

# ବୟସ ଅତିକ୍ରାନ୍ତ ପରେ ବି ଅସହାୟ ବୃଦ୍ଧ ଓ ବୃଦ୍ଧାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ବାଲିଚନ୍ଦ୍ରପୁର ୩୧।୧୦(ପିଏନ)- ରାଜ୍ୟ କେନ୍ଦ୍ର ସରକାରଙ୍କ ବୃଦ୍ଧ ଓ ବୃଦ୍ଧାଙ୍କ ବୟସାଧିକ ପାଇଁ ବିଭିନ୍ନ ଯୋଜନା ମାଧମରେ ସରକାରୀ ଭତ୍ତା ପ୍ରଦାନ କରିବା ବ୍ୟବସ୍ଥା କରିଛନ୍ତି। ଦୀର୍ଘ ଦିନ ହେବ ଏ ଦପ୍ତର ରୁ ସେ ଦପ୍ତର କୁ ଦୌଡ଼ି ଦୌଡ଼ି ନୟାନ୍ତ। ନିଜର ହକ ପାଇଁ ଏତେ ଦହ ପେଞ୍ଚ ପରେ ବି ପଞ୍ଚାୟତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ସେମାନଙ୍କ ପାଇଁ ହୋଇ ଯାଇଛନ୍ତି ନିର୍ଦ୍ଦୟ। ତଥାପି ଆଶା ବାଡ଼ି ସ୍ୱରୁପ ବାର୍ଦ୍ଧକ୍ୟ ଭତ୍ତାକୁ ଚାହିଁ ରହିଛନ୍ତି। ଏହି ଭଳି ସରକାରୀ ନିୟମ ଖୁଲମ ଖୁଲା ଉଲଂଘନ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତିବସନ୍ତ ପଞ୍ଚାୟତରେ। ସେହି ଗ୍ରାମର ଶୈଳ ଦଳେଇ (୬୦) ବିପିଏଲ ନଂ ୧୬୨୮୮, ହେମଲତା ବଳସାମନ୍ତ (୬୪), ସଜ ଦଳେଇ (୭୦), କୁନି ଦାସ (୬୯), ଘନ ମଲିକ (୬୬) ବିପିଏଲ ନଂ ୧୬୨୭୮, ଶିବ ମଲିକ (୬୦) ବିପିଏଲ ନଂ ୧୬୭୮୬ ନିର୍ଦ୍ଧାରିତ ଫର୍ମ ପୂରଣ କରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ ଭତ୍ତା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ। ସାମାଜିକ ସୁରକ୍ଷା ଅନ୍ତର୍ଗତ ଅସହାୟ ବୟସ୍କଙ୍କୁ ଅଗ୍ରାଧିକାର ଭିତ୍ତିରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ସରକାରଙ୍କ ନିୟମ ଥିଲା ବେଳେ ଏ ପୁଣି କେଉଁ ନିୟମ ବଳରେ ବାଦ୍ ପଡ଼ନ୍ତି ତାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୁଏ। ତେଣୁ ବ୍ଲକ ପ୍ରଶାସନ ଅଗ୍ରାଧିକାର ଭିତ୍ତିରେ ଅସହାୟ ଏହି ବୃଦ୍ଧ ଓ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପଞ୍ଚାୟତର ଭି.ଏଲ୍.ଡବ୍ଲୁ ହୃଷିକେଶ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଆପଣ ଯେଉଁ ମାନଙ୍କ ନାମ କହିଲେ ସେମାନଙ୍କର ଅଭିଯୋଗ ଆମ ପାଖକୁ ଆସି ନାହିଁ। ତେଣୁ ଅଭିଯୋଗ ଆସିଲେ ଆମେ ସେମାନଙ୍କର ଉପଯୁକ୍ତ ପ୍ରମାଣ ପତ୍ର ଆଧାରରେ ସେମାନଙ୍କୁ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରିବୁ।

# ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟରେ ୨୩ଟି ମାମଲା ଶୁଣାଣୀ

ବାଲେଶ୍ୱର,୩୧/୧୦(ପିଏନ): ଓଡିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଅକ୍ଟୋବର ୩୦ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ସଦ୍‌ଭାବନା କକ୍ଷରେ ୨୩ଟି ମାମଲାର ଶୁଣାଣି ହୋଇଛି । ବାଲେଶ୍ୱର ଗସ୍ତରେ ଆସିଥିବା ମହିଳା କମିଶନର ଅଧକ୍ଷା ଡ. ମୀନତି ବେହେରା କ୍ୟାମ୍ପ କୋର୍ଟକୁ ଉଦ୍‌ଘାଟନ କରିଥିଲେ । ତାଙ୍କ ସହିତ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସପି ବି. ଯୁଗୋଳ କିଶୋର, ଅତିରିକ୍ତ ଏସପି ତପନ କୁମାର ପଟ୍ଟନାୟକ, ଆୟୋଗର ସଦସ୍ୟ ସ୍ନେହାଞ୍ଜଳୀ ମହାନ୍ତି, ସମାଜ ମଙ୍ଗଳ ଅଧିକାରୀଣି କୁଶୁମମାଳା ମିଶ୍ର ପ୍ରମୁଖ ଯୋଗ ଦେଇ ମହଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଗୁରୁତ୍ୱଆରୋପ କରିଥିଲେ । କ୍ୟାମ୍ପ କୋର୍ଟରେ ମୋଟ୍ ୪୮ଟି ମାମଲାର ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲେ ହେଁ ମାତ୍ର ୨୩ଟି ମାମଲାର ଶୁଣାଣୀ ହୋଇଥିଲା । ୮ ଟି ମାମଲାରେ ଉଭୟ ପକ୍ଷ, ୧୩ଟି ମାମଲାରେ କେବଳ ଅଭିଯୋଗକାରିଣୀ ଓ ୨ ମାମଲାରେ ପ୍ରତିପକ୍ଷ ହାଜର ହୋଇ ଯୁକ୍ତି ଉପସ୍ଥାପନ କରିଥିଲେ । ଆପୋଷ ବୁଝାମଣା ମଧରେ ୫ଟି ମାମଲା ଫଇସଲା ହୋଇଥିଲା । ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧରେ ପ୍ରୋଗ୍ରାମ ଅଫିସର ସୁଜାତା ପଟ୍ଟନାୟକ, ଆୟୋଗର କର୍ମଚାରୀ ଦିବାକର ବିଶ୍ୱାଳ ଓ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ମହିଳା କମିଶନର ଅଧକ୍ଷା ଡ. ବେହେରା ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ନାରୀ ସଂଘକୁ ପରିଦର୍ଶନ କରି କର୍ମକର୍ତ୍ତା ଓ ଅନ୍ତେବାସିନୀଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଥିଲେ ଓ ଅନ୍ତେବାସିନୀଙ୍କ ଅଭାବ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ ।

# ରେଳ ଫାଟକ ନଖୋଲିବାରୁ ଲୋକେ ହନ୍ତସନ୍ତ

ବାଲେଶ୍ୱର,୩୧/୧୦(ପିଏନ): ଦୀର୍ଘ ସମୟ ଧରି ରେଳ ଫାଟକ ନଖୋଲିବାରୁ ଲୋକେ ହଟହଟା ହୋଇଛନ୍ତି । ବାଲେଶ୍ୱର ରେଳ ଷ୍ଟେସନ ନିକଟବର୍ତ୍ତୀ ଶୋଭାରାମପୁର ରେଳ ଫାଟକ ନିକଟରେ ଲୋକେ ଏଭଳି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ରେଳ ଫାଟକର ଗୋଟିଏ ପାଖ ଖୋଲିଥିଲେ ମଧ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫାଟକର ଅନ୍ୟ ଗୋଟିଏ ପାଖ ଖୋଲିନଥିଲା ତେଣୁ ଫାଟକଟି ଖୋଲାଯାଇପାରନିଥିଲା । ଯେଉଁଥି ପାଇଁ ଲୋକେ ଦୀର୍ଘ ସମୟ ଧରି ହନ୍ତସନ୍ତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଟ୍ରେନ ଯିବା ସମୟ ହୋଇଥିବାରୁ ଫାଟକ ବନ୍ଦ କରାଯାଇଥିଲା । ମାତ୍ର ଟ୍ରେନ ଯିବାପରେ ଫାଟକ ଉଠାଯାଇଥିଲେ ମଧ ଆଉ ଉଠିନଥିଲା । ଯଉଁଥିପାଇଁ ଉତ୍ୟକ୍ତ ଲୋକେ ଗୋଟିଏ ପଟକୁ ଆସି ରେଳ ଧାରଣା ଉପରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ସ୍ୱଭାଗ୍ୟବସତଃ ସେହି ସମୟରେ କୌଣସି ଟ୍ରେନ ଆସିନଥିଲା । ଫଳରେ କୌଣସି ଅଘଟଣ ହୋଇନଥିଲେ ମଧ ଏମିତି ଏକ ପରିସ୍ଥିତିକୁ ନେଇ ଯାତ୍ରୀମାନେ ଅତିଷ୍ଠ ହୋଇପଡିଥିଲେ । ରେଳ ବିଭାଗର ଏଭଳି ଖାମଖିଆଲି ନୀତି ପାଇଁ ଲୋକଙ୍କ ମଧରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା ।

# ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରଦ୍ଧୋତ୍ସବ



ବାଲିଚନ୍ଦ୍ରପୁର (ପିଏନ)- ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୩୫ତମ ବଳିଦାନ ଦିବସ ବାଲିଚନ୍ଦ୍ରପୁରଠାରେ ପାଳିତ ହୋଇଯାଇଛି । ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏହିଉତ୍ସବରେ ମୁଖ୍ୟ ଅତିଥୀ ଭାବେ ବଡଚଣା କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ ସ୍ୱର୍ଗତ ଗାନ୍ଧୀ ତାଙ୍କ ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଭାରତକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଥିଲା ବୋଲି ମତଦେଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧରେ ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ନାରାୟଣ ଦେଓ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ବ୍ଲକ ଯୁବକଂଗ୍ରେସ ସଭାପତି ସଞ୍ଜୟ କୁମାର କର, ମାନ ଭଞ୍ଜନ ରାଉତରାୟ, ଦଳିତ କଂଗ୍ରେସ ନେତା ଏକାଦଶୀ ସେଠୀ, ସଂଖ୍ୟା ଲଘୁ ନେତା ସେକ୍ ରିଆସତ୍ ଅଲ୍ଲି, ସୁଲତାନା ସୈଫୁଲା ଖାନ, ଧର୍ମରାଜ ମହାନ୍ତି, ଚାନ୍ଦ ଖାଁ, ସମିତି ସଭ୍ୟ ଖଗେଶ୍ୱର ବେହେରା ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଇନ୍ଦିରାଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଆଲୋକପତା କରିଥିଲେ । ପ୍ରାରମ୍ଭରେ ବାଲିଚନ୍ଦ୍ରପୁର ବଜାର ରହିଥିବା ଇନ୍ଦିରାଙ୍କ ପ୍ରତୀମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ନେତା ଓ କର୍ମୀ ମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେହିପରି ପଲାଇ ଗ୍ରାମପଞ୍ଚାୟତ ଅଧିନ କେଶରାଇପୁରଠାରେ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଥିଲା। ଏଥିରେ ସମିତିସଭ୍ୟା ସଞ୍ଜୁ ଦେଉରି, ଶଙ୍କର ଦେଉରି, ନାଥ ସିଂହ, ରବି ଦେଉରି, କ୍ଷିରୋଦ ଚନ୍ଦ୍ର ପଣ୍ଡା ଓ ବହୁ ଗ୍ରାମବାସୀ ଯୋଗ ଦେଇ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜାତୀୟ ଏକତା ଦିବସ ପାଳିତ



ଚଣ୍ଡିଖୋଲ, ୩୧/୧୦(ପିଏନ)-ସ୍ୱାଧିନ ଭାରତର ପ୍ରଥମ ଉପ ପ୍ରଧାନ ମନ୍ତ୍ରୀ, ଗୃହମନ୍ତ୍ରୀ, ମହାନ ସ୍ୱାଧିନତା ସଂଗ୍ରାମୀ, ଭାରତ ରତ୍ନ ଲୋହ ମାନବ ସର୍ଦ୍ଦାର ବଲଭ ଭାଇ ପଟେଲଙ୍କ ଜନ୍ମଜୟନ୍ତୀକୁ ଆଜି ସମଗ୍ର ଦେଶ ଜାତୀୟ ଏକତା ଦିବସ ଭାବରେ ପାଳନ କରୁଛି। ଏହି ପ୍ରରିପ୍ରେକ୍ଷିରେ ଆଜି ଧାନମଣ୍ଡଳ ସ୍ଥିତ ହୋଲି ଜେସସ ଠାରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମିଧର ମଲିକ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ, ପଟେଲଙ୍କ ଦେଶ ଭକ୍ତି, ଦୃଢ ମନୋବଳ, ଅଖଣ୍ଡ ଭାରତର ଗଠନରେ ତାଙ୍କର ଭୂମିକା ଦେଶୀୟ ରାଜ୍ୟ ମିଶ୍ରଣ, ତୀକ୍ଷ୍ଣ ଦୂର ଦୃଷ୍ଟି ଓ ବିଚକ୍ଷଣ ବୁଦ୍ଧି, ନିଷ୍ପିତିରେ ଅଟଳ ଆଦି ଗୁଣ ଗୁଡ଼ିକ ଉପରେ ଆଲୋକ ପାତ କରିଥିଲେ। ସେହିପରି ଭାରତର ପୁର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦୀରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳନ କରାଯିବା ସହ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ , ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ବାଲିଚନ୍ଦ୍ରପୁର ୩୧/୧୦(ପିଏନ)- ଆଦର୍ଶ ଶିକ୍ଷକ ତ୍ରିଲୋଚନ ପାଢୀଙ୍କର ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ଗତକାଲି ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ମାତ୍ର ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ସ୍ୱର୍ଗତ ପାଢି ଅବିଭକ୍ତ କଟକ ଜିଲ୍ଲାର ଭଗବତୀ ବିଦ୍ୟାପୀଠ ଓ ନନ୍ଦକିଶୋର ବିଦ୍ୟାମନ୍ଦିରର ଶିକ୍ଷକତା କରିଥିଲେ । ୧୯୫୪ ରୁ ଶିକ୍ଷକତା ଆରମ୍ଭ କରି ୧୯୮୮ ରେ ସେ ଅବସର ଗ୍ରହଣ କରିଥିଲେ । ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ଯାଜପୁର ଜିଲ୍ଲା ବଡଚଣା ଓ କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ପାଢି ଙ୍କର ବହୁ ଛାତ୍ର ଛାତ୍ରୀ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କର ପତରାଜପୁର ବାସଭସବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି । ପରେ ତାଙ୍କ ମରଶରୀରକୁ ମାହାଙ୍ଗାସ୍ଥିତ ଭଗବତୀ ବିଦ୍ୟାପୀଠ ଓ ନନ୍ଦ କିଶୋର ବିଦ୍ୟାପୀଠକୁ ନିଆଯାଇଥିଲା ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଭଗବତୀ ବିଦ୍ୟାପୀଠରେ ଆର.ଡି.ସି ଅନିଲ କୁମାର ସାମଲ, ପୂର୍ବତନ ସଚିବ ଉପେନ୍ଦ୍ର ନାଥ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆଜି ତାଙ୍କ ବାସଭବନରେ ମାହାଙ୍ଗା ଚେତନା ପରିଷଦର ଅଧକ୍ଷ ଅମରେନ୍ଦ୍ର ସିଂହ, ସରପଞ୍ଚ ଫନିନ୍ଦ୍ର ପଣ୍ଡା, ଅରୁନ୍ଧତୀ ଖୁଣ୍ଟିଆ, ମନମୋହନ ଜେନା, ଜ୍ଞାନେନ୍ଦ୍ର ତ୍ରୀପାଠି, ପ୍ରେସକ୍ଲବ ବାଲିଚନ୍ଦ୍ରପୁରର ସଭପତି ପ୍ରକାଶ ଚନ୍ଦ୍ର ସାମଲ, ଅରୁଣ ସାହୁ, ସନ୍ତୋଷ ମାହନ୍ତି, ସମାଜସେବୀ ଗଦାଧର ଦାସ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ମଧମ ପୁଅ ମନୋଜ ମୁଖାଗ୍ନି ଦେଇଥିଲେ ।



# ମୋ ଓଡ଼ିଶା

## ଓଡ଼ିଆ ଜାତୀୟ ଜାଗରଣରେ ନାରୀମାନଙ୍କ ଭୂମିକା



"ଜଗତରେ କିଛି ବଡ଼ କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ଛାଡ଼ିବାକୁ ହେବ। ପୁରୁଷ କେବେହେଲେ ନାରୀକୁ ନିଜର ଖେଳକଣ୍ଢେଇ କରି ରଖିପାରିବ ନାହିଁ। ମୁଁ ଯଦି ଜଣେ ସ୍ତ୍ରୀ ହୋଇଥାନ୍ତି, ନିଶ୍ଚୟ ଏହା ବିରୁଦ୍ଧରେ ବିଦ୍ରୋହ କରନ୍ତି। ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏ ସବୁ ଗହଣାଗାଣ୍ଠି ଆଦର ଛାଡ଼ି ଦିଅନ୍ତୁ। ଅନ୍ତରର ସୁଗନ୍ଧି ସବୁଠାରୁ ବେଶୀ ବାସ ଚହଟାଇ ପାରିବ ଏବଂ ତାହାରି ଦ୍ୱାରା ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବଜାତିକୁ ବଶ କରିପାରିବେ।" କେବଳ ମହିଳାମାନଙ୍କୁ ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ଲାଗି ତଥା ସାମାଜିକ ଜନଆନ୍ଦୋଳନରେ ନାରୀ ଜାଗରଣର ଭୂମିକାକୁ ନିଶ୍ଚିତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀ ୧୯୨୧ ମସିହାରେ କଟକ ବିନୋଦବିହାରୀ ମନ୍ଦିର ହତାରେ ଯେଉଁ ମହିଳା ସଭାରେ ଏହି ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ, ତାହା ୧୯୨୧ ମାର୍ଚ୍ଚ ୨୮ ତାରିଖ 'ସମାଜ'ରେ ପ୍ରକାଶ ପାଇଥିଲା। ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମଠାରୁ ସାମ୍ପ୍ରତିକ ସମାଜର ମାନବୀୟ ମୂଲ୍ୟବୋଧ ଗଠନରେ ନାରୀ ଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। କେବଳ ସଂସାର ଗଠନରେ ନୁହେଁ, ବା ତେଲଲୁଣର ସଂସାରଭିତରେ ନିଜ ଭୂମିକାର ଚୌହଦୀଠାରୁ ଯଥେଷ୍ଟ ଦୂରରେ ସମଗ୍ର ନାରୀଜାତିର ଭୂମିକା ଯେ କେହି ସ୍ୱୀକାର କରିବ। ସମାଜକୁ ଭ୍ରାନ୍ତି, ଲୋଭ, ଦୁର୍ନୀତି, ସୁବିଧାବାଦିତା, ଈର୍ଷା, ହିଂସାର ଦାବାନଳରୁ ଉଦ୍ଧାର କରି ବାସ୍ତବ ଶାନ୍ତି, ସ୍ନେହ, ଆନନ୍ଦ, ମଙ୍ଗଳ ଓ ଭଲପାଇବାର ସନ୍ଧାନ ଦେବା ପାଇଁ ପୂଜ୍ୟ ଶ୍ରୀ କୁମାର ଭାଇ ୧୯୬୨ ମସିହାରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୮୫ ମସିହାରେ ନାରୀଶକ୍ତି ଓ ନାରୀ ପ୍ରତିଭାର ଶ୍ରେଷ୍ଠ ମଙ୍ଗଳମୟ ବିକାଶ ତଥା ବିନିଯୋଗ କରାଇ ସମଗ୍ର ସମାଜକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ବାର୍ତ୍ତା ଦେଇ ଏକ ମଙ୍ଗଳମୟ ସମାଜ ଗଢ଼ି ତୋଳିବା ଲକ୍ଷ୍ୟରେ ୧୯୮୫ ମସିହାରେ ମଙ୍ଗଳମୟୀ ପତ୍ରିକା ପ୍ରକାଶନ ସହ ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ କରାଇଥିଲେ। କେବଳ ଶସ୍ତା ସ୍ଲୋଗାନ୍ ଓ ସୁକର୍ମବିହୀନ ଆନ୍ଦୋଳନରେ ଅଯଥା ନିଜକୁ ନିୟୋଜିତ ନ କରି ସମାଜର ସର୍ବାଦୌ ସେବାଭିମୁଖୀ ଯୋଜନା ହାତକୁ ନେଇ ଏକ ମଙ୍ଗଳମୟ ପ୍ରେମପୂର୍ଣ୍ଣ ସମାଜ ଗଠନ ପାଇଁ ସେ ଆତ୍ମୋତ୍ସର୍ଗ କରିଥିଲେ। ତାଙ୍କ ମତରେ ସୁଶିକ୍ଷା ଲାଭ ଦ୍ୱାରା ଆତ୍ମସମୀକ୍ଷା ଓ ଆତ୍ମଶୁଦ୍ଧି ସମ୍ଭବ ହୋଇଥାଏ। ସମାଜରେ ନାରୀ ଜାଗରଣର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ସୁସଂସ୍କୃତ, ଶୃଙ୍ଖଳିତ, ସଂଯତ, ସତ୍, ସ୍ନେହ-ଶାନ୍ତିଭରା ସମାଜ ଗଢ଼ି ତୋଳିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ତାଙ୍କର ଅନୁଚିନ୍ତନ ଥିଲା ମାତୃଜାତି ତଥା ନାରୀ ସମାଜ ଭ୍ରାନ୍ତି, ଦୁର୍ନୀତି, ହିଂସା ଓ ଧ୍ୱଂସର ନିଆଁରୁ ମାନବ ସମାଜକୁ ରକ୍ଷା କରିବାର ମହାଶକ୍ତି ହୁଅନ୍ତୁ। ଆଜି ସୁନିତା ୱିଲିଅମ୍ସ୍‌ଙ୍କଠାରୁ କଳ୍ପନା ଦାସ, ଚିରବନ୍ଦନୀୟା ଇନ୍ଦିରା ଗାନ୍ଧୀଙ୍କଠାରୁ ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ସମସ୍ତଙ୍କ ତ୍ୟାଗପୂତ ଓ ସମର୍ପିତ ଜୀବନ ଏ ସମାଜ ପାଇଁ ଯେଉଁ ଭୂମିକା ରଖିଛି, ତାହାରି ଆହ୍ୱାନ ନାରୀ ଜାଗରଣର ମୁଖ୍ୟ ଆଦର୍ଶ ହେଉ। ସାମାଜିକ ପ୍ରଗତିରେ ନାରୀମାନଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ପଞ୍ଚମାନବୀୟ ମୂଲ୍ୟବୋଧସମ୍ପନ୍ନ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମହନୀୟ ବାର୍ତ୍ତାର ଅନୁଶୀଳନ କରୁ। ଯଥାର୍ଥରେ ପୂଜ୍ୟ ଶ୍ରୀ କୁମାର ଭାଇ ବି କହିଥିଲେ ଏ ଦୁନିଆରେ ଗୋଟିଏ ହିଁ ଜାତି ଅଛି, ତାହା ମଣିଷ ଜାତି। ଗୋଟିଏ ହିଁ ଧର୍ମ ଅଛି, ତାହା ମାନବ ଧର୍ମ ଏବଂ ଜଣେ ହିଁ ଈଶ୍ୱର ଅଛନ୍ତି, ଯିଏ ସର୍ବବିଦ୍ୟମାନ। ସବୁ ଧର୍ମରେ ପ୍ରେମର ବାର୍ତ୍ତାକୁ ଅନୁଶୀଳନ କରୁଥିବା ଏହି ମଣିଷ ଜାତି ଆତଙ୍କବାଦ ହେଉ ବା ଜାତୀୟ ବିରୋଧୀ ନୀତି ହେଉ, ଏହି କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଥିବା ବେଳେ ନିଜ ହୃଦୟକନ୍ଦରର ବିବେକର ଆହ୍ୱାନକୁ ଟିକିଏ ଶୁଣୁ। କାରଣ ସିଏ ବି ଜଣେ ଈଶ୍ୱରଙ୍କ ସନ୍ତାନ ଆଉ ଯାହାର କ୍ଷତି କରୁଛି ବା ଯାହା ରକ୍ତରେ ହୋଲି ଖେଳୁଛି, ସିଏ ବି ଜଣେ ତାହାରି ଭାଇ। ଧର୍ମ ନାମରେ ଆଉ କେତେଦିନ ଏହି ହିଂସାର ରକ୍ତପାତ ଚାଲିଥିବ? କ'ଣ ଜଣେ ଭାଇ ତା ଭାଇର ରକ୍ତ ଚାହୁଁଛି? ଦେବୀ ଦୁର୍ଗା ଯେଉଁପରି ଦୁଷ୍ଟ ଶକ୍ତିର ନିଧନ କରିଥିଲେ ସେହିପରି ଏ ସମାଜର ମାତୃଜାତି ନାରୀଜାତି, ଷଡ଼ରିପୁସମ୍ପନ୍ନ ଦୁଷ୍ଟ ବୁଦ୍ଧି ଓ ଦୁଷ୍ଟ ଚିନ୍ତାର ନିଧନ କରି ନାରୀ ଜାଗରଣର ମହନୀୟ ଭୂମିକା ନିର୍ବାହ କଲେ ଏ ଜଗତର ମଙ୍ଗଳ ହେବ, ନାରୀ ଜାତି ବି ଧନ୍ୟ ହେବ।

**ଅରୁନ୍ଧତୀ ଦେବୀ**
**ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର**

## ଗାନ୍ଧୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କଲା ଏସ୍‌ସି ଏସ୍‌ଟି ଛାତ୍ର ସଂଘ

ରାଉରକେଲା (ପିଏନ୍): ରାଉରକେଲା ଏସ୍‌ଟି ଏସ୍‌ସି ଛାତ୍ର ସଂଘ ତରଫରୁ ଦେଓଗାଁ ସ୍ଥିତ ଗାନ୍ଧୀ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଭଭବନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାଗତ କରାଯାଇଛି। ଗତ ମାସ ୨୪ ତାରିଖରେ ଏସ୍‌ସି ଏସ୍‌ଟି ଛାତ୍ର ସଂଘ ଦେଓଗାଁ ସ୍ଥିତ ଗାନ୍ଧୀ ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଭବନ ପ୍ରେକ୍ଷାଳୟ ଠାରେ ସ୍ୱାଗତ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶୃଙ୍ଖଳିତ ତଥା ନିଷ୍ଠାର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ସି ଏସ୍‌ଟି ଛାତ୍ର ସଂଘର ନବାଗତଙ୍କୁ ଏଭଳି ସ୍ୱାଗତ ସମାରୋହ ନିଶ୍ଚିତ ଭାବେ ସେମାନଙ୍କୁ ଆନନ୍ଦିତ କରୁଥିବ ବୋଲି ଶ୍ରୀ ସେନାପତି ପ୍ରକାଶ କରି ରାଉରକେଲା ସମେତ ଆଖ ପାଖ ଗ୍ରାମାଞ୍ଚଳରେ ଯେଉଁ ଏସ୍‌ସି ଏସ୍‌ଟି ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ପାରୁନାହାନ୍ତି ସେମାନଙ୍କୁ ଉତ୍ସାହିତ କରିବାରେ ଏପରି କାର୍ଯ୍ୟକ୍ରମ ସହାୟକ ବୋଲି ପ୍ରକାଶ କରିଥିଲେ। ଏହି ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ଗାଙ୍ଗପୁର ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଂଗ୍ରେସର ଏସ୍‌ସି ଏସ୍‌ଟି ଛାତ୍ର ସଙ୍ଗଠନ ପକ୍ଷରୁ ନୂତନ ପିଲାମାନଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ସୃଷ୍ଟି କରିଛି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ କୈଳାସ ଚନ୍ଦ୍ର ସାହୁ ଓ ଅନୀଲ ଗୁରୁଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ର ସଂଘ ସଭାପତି ପ୍ରଭାତ ସନ୍ତୋଷ କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ଡ.ବିଆର୍ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ଜୋହାନି କୁଲୁ, ସମ୍ପାଦିକା ମନୀଷା ତିର୍କୀ, କୋଷାଧ୍ୟକ୍ଷା ଆରତୀ ସିଂହ, ଯୁଗ୍ମ ସମ୍ପାଦକ ତୁଷାର ସିଂହ, ସାଂସ୍କୃତିକ ସମ୍ପାଦିକା ପିଙ୍କି ମୁର୍ମୁ, ସଭ୍ୟ ହୋପନା ମାଝି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଧଉଳିରେ ପଟଚିତ୍ର କର୍ମଶାଳା

ଭୁବନେଶ୍ୱର (ପିଏନ୍): ଓଡ଼ିଶୀ କଳାର ପରିଚିତି ପଟଚିତ୍ର। ପଟଚିତ୍ର ଆମ ପରମ୍ପରା ଓ ଜଗନ୍ନାଥ ସଂସ୍କୃତିର ନିଆରା ପ୍ରତିଫଳନ। ଏହି ପାରମ୍ପରିକ ଚିତ୍ରକଳାର ଏକ କର୍ମଶାଳା ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପାରମ୍ପରିକ ପଟଚିତ୍ର ଶିଳ୍ପୀ ବିଜୟ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଂଚଦିନ ଧରି ଅନୁଷ୍ଠିତ ହୋଇଥିଲା ପଟଚିତ୍ର କର୍ମଶାଳା। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପୌରାଣିକ ବିଷୟବସ୍ତୁ ଆଧାରରେ ଶିଳ୍ପୀଙ୍କ ସହିତ ଚିତ୍ରାଙ୍କନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଶ୍ରୀ ପରିଡ଼ା ଛାତ୍ରଛାତ୍ରୀଙ୍କୁ ପଟଚିତ୍ରର ଇତହାସ ଏବଂ ଏହା କିପରି ଜଗନ୍ନାଥଙ୍କ ଚିତ୍ର ନୀତିଠାରୁ ଆରମ୍ଭ ହୋଇଛି ତାହାର ଏକ ଚିତ୍ର ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ଓ ଏହି ପାରମ୍ପରିକ ଚିତ୍ରର ଶୈଳୀ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା ସସ୍ମିତା କାମିଲା, ମଧୁସ୍ମିତା ଦାସ ଓ ଅଧ୍ୟାପକ ମାନସରଞ୍ଜନ ନାୟକ, ରାମଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ମାନବୀୟ ମୂଲ୍ୟବୋଧ ଓ ଭଗବାନ ଶ୍ରୀ ସତ୍ୟସାଇ



ସମସ୍ତଙ୍କ ସେବାକର, ସମସ୍ତଙ୍କୁ ଭଲପାଅ-ଏହି ବାର୍ତ୍ତା ହିଁ ଭଗବାନ ସମସ୍ତଙ୍କ ଭିତରେ ପ୍ରଚାର କରିଛନ୍ତି। ସତ୍ୟସାଇ ବାବାଙ୍କ ଦିବ୍ୟପ୍ରେମ ଏବଂ କୃପା ଲକ୍ଷ ଲକ୍ଷ ଆଶ୍ରିତମାନଙ୍କୁ ଭ୍ରାନ୍ତମୟ ମାନସିକ ବିକୃତିର ବ୍ୟାଧିରୁ ମୁକ୍ତ କରିବା ସହ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ପୌଷ୍ଟକ କରିଛନ୍ତି। ଏହି ପ୍ରେମାବତାର ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ହାତରେ ଦ୍ୱାପର ଯୁଗରୁ ପ୍ରେମମୟ କୃଷ୍ଣଙ୍କ ପରି ଶଙ୍ଖ, ଚକ୍ର, ଗଦା, ପଦ୍ମ ନାହିଁ ସତ ହେଲେ ପଞ୍ଚମାନବୀୟ ମୂଲ୍ୟବୋଧ ଭିତ୍ତିକ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମୂର୍ତ୍ତିମନ୍ତ ପଥପ୍ରଦର୍ଶକ ପାଲଟିଛନ୍ତି। ୧୯୪୦ ମସିହା ଅକ୍ଟୋବର ୨୦ ତାରିଖରେ ମାତ୍ର ୧୪ବର୍ଷ ବୟସରେ ଭଗବାନ ତାଙ୍କ ଦୈବତ୍ୱ ସମ୍ପର୍କରେ ଘୋଷଣା କରିଥିଲେ। ତାଙ୍କର ସର୍ବପ୍ରଥମ ଭଜନ ଥିଲା 'ମାନସ ଭଜରେ ଗୁରୁଚରଣମ୍.....'। ଶ୍ରୀ ସତ୍ୟସାଇଙ୍କ ଭାଷାରେ 'ସଂହାର ପାଇଁ ନୁହେଁ ସଂସ୍କାର ପାଇଁ ମୁଁ ଅବତାର ରୂପରେ ଆର୍ବିଭୂତ ହୋଇଛି'। ଆଜି ବିଶ୍ୱର କୋଣଅନୁକୋଣରେ ସାଇଆଶ୍ରିତମାନେ ନିଃସ୍ୱାର୍ଥପର ସେବା, ବିନମ୍ରତା, ଭଲପାଇବା, ସତ୍ୟ, ଧର୍ମ, ଶାନ୍ତି ଓ ଅହିଂସାର ପୂଜାରୀ ହୋଇ ମୂଲ୍ୟବୋଧର ପ୍ରଚାର ସହ ସାଇ ସେବାରେ ନିଜକୁ ସାମିଲ କରିଛନ୍ତି। ପ୍ରେମାବତାର ଧର୍ମ, ଶାନ୍ତି ଓ ପ୍ରେମସ୍ୱରୂପ ଭଗବାନ ଶ୍ରୀ ସତ୍ୟସାଇ ସମସ୍ତଙ୍କ ଭିତରେ ପ୍ରେମ ଆଲୋକର ଜ୍ୟୋତିକୁ ପ୍ରଜ୍ୱଳିତ କରି ସମଗ୍ର ପୃଥିବୀପୃଷ୍ଠରେ ମାନବ ଜାତିକୁ ଶାନ୍ତିର ମାର୍ଗ ଦେଖାଇଛନ୍ତି। ଭଗବାନଙ୍କ ସବୁଠାରୁ ବଡ଼ ବାଣୀଟି ହେଉଛି 'ଦୁନିଆରେ ଗୋଟିଏ ଧର୍ମ ଅଛି, ତାହା ପ୍ରେମର ଧର୍ମ। କେବଳ ଗୋଟିଏ ଜାତି ଅଛି, ତାହାହେଲା ମାନବ ଜାତି। କେବଳ ଗୋଟିଏ ଭାଷା ଅଛି ତାହା ହୃଦୟର ଭାଷା ଆଉ କେବଳ ଗୋଟିଏ ଭଗବାନ ଅଛନ୍ତି ଯେ ସର୍ବତ୍ର ବିଦ୍ୟମାନ'। ଭଗବାନ ଦିବ୍ୟ ସନ୍ଦେଶ ଓ ମୂଲ୍ୟବୋଧ ସମଗ୍ର ପୃଥିବୀ ପାଇଁ ସବୁଧର୍ମର ପ୍ରତୀକ ପରି ପ୍ରତୀୟମାନ। ପୃଥିବୀର ପାଞ୍ଚଟି ମୁଖ୍ୟ ଧର୍ମ-ହିନ୍ଦୁ, ଇସ୍‌ଲାମ, ଖ୍ରୀଷ୍ଟିୟାନ, ଯୋରାଷ୍ଟ୍ରୀୟ ଓ ବୌଦ୍ଧଧର୍ମର ପ୍ରତୀକଗୁଡ଼ିକ ସେଥିରେ ସ୍ଥାନିତ ହୋଇଛି। ଭଗବାନ ବାବା ଦୈବୀପୁରୁଷ ଭାବରେ ତାଙ୍କର ଦିବ୍ୟ ଚମତ୍କାରିତାର ଅଲୌକିକ ଲୀଳା ଅନେକ ଭାଗ୍ୟବାନ ନିକଟରୁ ଦେଖିବାର ସୁଯୋଗ ପାଇବା ସହ ଅନେକ ମଧ୍ୟ ଏହାକୁ ପ୍ରାପ୍ତିର ବିରଳ କୃପାର ସନ୍ତକ ରଖିଛନ୍ତି। ପ୍ରାଥମିକ ଭାବରେ ଅନେକ ଅନୁସନ୍ଧିତ୍ସୁ ଓ ସନ୍ଦେହି ନିକଟବର୍ତ୍ତୀ ହୋଇ ପରବର୍ତ୍ତୀ ସମୟରେ ଆଶ୍ରିତ ପାଲଟି ତାଙ୍କ ଲୀଳାର ପ୍ରଚାର କରିଛନ୍ତି। ଅଷ୍ଟ୍ରେଲୀୟ ହାୱାର୍ଡ଼ ମାର୍ଫେଟ 'ସାଇବାବା ଅବତାର' ବହି ଇଂରାଜୀରେ ଲେଖିଛନ୍ତି। ସେହିପରି ଅନ୍ୟ ଜଣେ ବିଦେଶୀ ହିସ୍‌ଲପ୍ 'ସାଇବାବାଙ୍କ ସହିତ କଥୋପକଥନ' ପୁସ୍ତକରେ ବାବାଙ୍କୁ ବିଭିନ୍ନ ଦିଗରୁ ପ୍ରଶ୍ନ ପଚାରିଛନ୍ତି। ଏଗୁଡ଼ିକ ପ୍ରଣିଧାନଯୋଗ୍ୟ। ପ୍ରସିଦ୍ଧ ଇଂରାଜୀ ସାପ୍ତାହିକ ପତ୍ରିକା 'ବ୍ଲିଜ୍'ର ଖ୍ୟାତନାମା ସମ୍ପାଦକ ଆର୍.କେ. କରଞ୍ଜିଆ ଏକଦା ବାବାଙ୍କ ବିରୁଦ୍ଧରେ ଲେଖାମାନ ପ୍ରକାଶ କରୁଥିଲେ ସାକ୍ଷାତ କରି ପରେ ତାଙ୍କଠାରେ ଭକ୍ତି ନିବେଦନ କରିଥିଲେ। ସେହିପରି ଭାରତ ସରକାରଙ୍କର ତତ୍କାଳୀନ ବିଜ୍ଞାନ ପରାମର୍ଶଦାତା ତଥା ବିଶିଷ୍ଟ ବୈଜ୍ଞାନିକ ଡଃ ଏସ୍.ଭଗବନ୍ତମ୍ ବାବାଙ୍କ ଦ୍ୱାରା ପଦାର୍ଥର ସୃଷ୍ଟି ନିଜ ଆଖିରେ ଦେଖି ବିଶ୍ୱାସ କରିବାକୁ ବାଧ ହୋଇଥିଲେ ଏବଂ ବାବାଙ୍କର ଭକ୍ତରେ ପରିଣତ ହୋଇଥିଲେ। ପ୍ରସିଦ୍ଧ ବିଦ୍ୱାନ ଓ ସାହିତ୍ୟିକ ପ୍ରଫେସର ସ୍ୱର୍ଗତଃ ବିନାୟକ କୃଷ୍ଣ ଗୋକକ ମଧ୍ୟ ଥିଲେ ବାବାଙ୍କର ଜନୈକ ମୁଗ୍ଧ ତଥା ଶ୍ରଦ୍ଧାଳୁ ଶିଷ୍ୟ। ସେ ଇଂରାଜୀରେ ବାବାଙ୍କ ଜୀବନ ଦର୍ଶନ ସଂପର୍କରେ ଚମତ୍କାର ପୁସ୍ତକ ଲେଖିଯାଇଛନ୍ତି। ଆଜି ଶ୍ରୀ ସତ୍ୟସାଇ ସଂଗଠନ ପୃଥିବୀ ସାରା ୧୬୮ଟି ରାଷ୍ଟ୍ରରେ ଏବଂ ଭାରତର ସମସ୍ତ ରାଜ୍ୟରେ ଶ୍ରୀ ସତ୍ୟସାଇ ରାଜ୍ୟ ସଂଗଠନ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ସତ୍ୟସାଇ ସେବା ସମିତିରେ ସଂଖ୍ୟା ୧୬୦ରୁ ଉର୍ଦ୍ଧ୍ୱ ଏବଂ ସେବାଗ୍ରୁପ୍ ଓ ଭଜନମଣ୍ଡଳୀର ସଂଖ୍ୟା ମଧ୍ୟ ପାଖାପାଖି ପାଞ୍ଚଶହ। ଭଗବାନଙ୍କ ଦିବ୍ୟଲୀଳାର କ୍ଷେତ୍ର ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତ୍ତୀର ପ୍ରଶାନ୍ତି ନିଳୟମ୍‌ଠାରେ ସବୁ ରାଜ୍ୟରୁ ପର୍ଯ୍ୟାୟକ୍ରମେ ସେବାଦଳ କର୍ମୀଙ୍କ ଭିତରେ ଓଡ଼ିଶା ସେବାଦଳର ସେବାପରାୟଣତା ଓ ନିଷ୍ଠାପରତା ପାଇଁ ଯଥେଷ୍ଟ ସୁନାମ ରହିଛି। ପ୍ରତିବର୍ଷ ଓଡ଼ିଶା ସେବା ଦଳର ପୁରୁଷ ଓ ମହିଳା ସେବାଦଳ କର୍ମୀମାନେ ବର୍ଷକୁ ତିନିଥର ସେଠାରେ ସେବା କାର୍ଯ୍ୟ ଜାରି ରଖିଥା'ନ୍ତି। ଭଗବାନ ବାବା ଓଡ଼ିଶା ସେବାଦଳର ଉତ୍ସର୍ଗୀକୃତ ଓ ନିଷ୍ଠାପର ସେବା ପାଇଁ ଅନେକ ଥର ସନ୍ତୋଷ ପ୍ରକଟ କରି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଦରିଆପାରି ସେବା ସଂସ୍ଥାରୁ ମଧ୍ୟ ଆଶ୍ରିତମାନେ ସେବାକାର୍ଯ୍ୟରେ ଯୋଗଦେଇଥା'ନ୍ତି। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ସେବାଦଳ କର୍ମୀମାନେ ସେବା କାର୍ଯ୍ୟରେ ସାମିଲ ହୋଇଥାନ୍ତି। ନିୟମିତ ଭାବରେ ସ୍ୱାସ୍ଥ୍ୟସେବା ଶିବିର, ଗୋଚିକିତ୍ସା ଶିବିର, ଅସହାୟଙ୍କୁ ଘର ଦାନ, ନାରାୟଣ ସେବା, ନିରକ୍ଷରତା ଯୋଜନା, ବୃକ୍ଷରୋପଣ, ବାଳବିକାଶ କାର୍ଯ୍ୟକ୍ରମ, ଗ୍ରାମ୍ୟ ପରିମଳ ସଫେଇ, ଯୁବସେବା ସାଧନା ଶିବିର, ନବରାତ୍ର କାର୍ଯ୍ୟକ୍ରମ, ମେଡ଼ିକାଲରେ ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା ସହ ଅପରେସନ, ଶୀତ ଦିନରେ ଶୀତ ପୋଷାକ ପ୍ରଦାନ ସହ ସର୍ବଦା ସେବା କାର୍ଯ୍ୟରେ ସାମିଲ ହୋଇଥା'ନ୍ତି। ଗ୍ରୀଷ୍ମ ସମୟରେ ବିଭିନ୍ନ ସ୍କୁଲ କଲେଜ ଛୁଟି ଥିବାରୁ ଆଧ୍ୟାତ୍ମିକ ଶିକ୍ଷାଦାନ ନିମିତ୍ତ ସାଇ ସଙ୍ଗଠନ ପକ୍ଷରୁ ଗ୍ରୀଷ୍ମ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଗତବର୍ଷ ସତ୍ୟସାଇ ସଙ୍ଗଠନ ରାଜ୍ୟଶାଖା ପକ୍ଷରୁ ଚାରିଦିନ ବ୍ୟାପୀ ପଲାଇ ମୌଜାର ଓଳାଶୁଣୀ ପୀଠରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ବାଳବିକାଶ ଯୁଗ୍ମ ସଂଯୋଜକ ଡକ୍ଟର ଅଶୋକ କୁମାର ହୋତା, ରାଜ୍ୟ ଯୁବସଂଯୋଜ ଚିନ୍ମୟ ପତି, ଅରୁଣ କୁମାର ପଣ୍ଡା, ରାଜ୍ୟ ମହିଳା ସଂଯୋଜିକା ସୁଶ୍ରୀ ଦାସ, ଜିଲ୍ଲା ସଭାପତି ଚନ୍ଦ୍ରମଣି ସାହୁ, ପ୍ରଦୀପ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ସାମଲ, ସୁରେଶ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ନାୟକ, ସତ୍ୟାନନ୍ଦ ସ୍ୱାଇଁ, ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ। ସମାଜରେ ସେବା ମାଧ୍ୟମରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ଶ୍ରୀ ସତ୍ୟସାଇ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତଙ୍କ ଭିତରେ 'ସମସ୍ତଙ୍କୁ ଭଲପାଅ ଓ ସମସ୍ତଙ୍କୁ ସେବା କର'ର ଦିବ୍ୟବାଣୀ ଅନୁପ୍ରେରିତ କରୁ ସମାଜରେ ଭଲ କାମ କରିବା ପାଇଁ। ଏହି ଶିବିର ଯୁବ ଓ ଶିକ୍ଷାର୍ଥୀ ପିଢ଼ୀମାନଙ୍କୁ ଆଧ୍ୟାତ୍ମିକ ପଥରେ ଅନୁପ୍ରାଣିତ କରୁ ଏହା ହିଁ କାମନା।

**ସୁମନ୍ତ କୁମାର ଭୂୟାଁ**, ଆବାହକ,
ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ଯାଜପୁର,
ଦୂରଭାଷ: ୯୯୩୭୪୭୦୯୮୦

## ରାମକୃଷ୍ଣ ଅନାଥାଶ୍ରମ ଅନ୍ତେବାସୀ ପାଳିଲେ ଦୀପାବଳି

ବ୍ରହ୍ମପୁର (ପିଏନ୍): ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଆଜି ସମାଜ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ବିଶିଷ୍ଟ ଭେଷଜବିତ୍ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଶ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ପ୍ରତ୍ୟେକ ମଣିଷ ଭିତରେ ଅନନ୍ତ ପ୍ରତିଭା ବିଦ୍ୟମାନ ରହିଛି। ଆମେ ତାକୁ କାର୍ଯ୍ୟକାରୀ କରିପାରିଲେ ସମାଜରେ ଶ୍ରେଷ୍ଠ ମଣିଷ ହୋଇପାରିବା ବୋଲି ପରାମର୍ଶ ଦେଇଥିଲେ। ସ୍ଥାନୀୟ ଆମ୍ବପୁଆସ୍ଥିତ ରାମକୃଷ୍ଣ ସାରଦା ସେବା ସଂଘ ଆଶ୍ରମରେ ରହୁଥିବା ଅନାଥ ଅନ୍ତେବାସୀଙ୍କ ଗହଣରେ ଅତିଥିବୃନ୍ଦ ପବିତ୍ର ଦୀପାବଳି ଉତ୍ସବ ପାଳନ କରିଛନ୍ତି। ଏ ସମ୍ପର୍କରେ ଆୟୋଜିତ ଏକ ସଭା ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଫୋରମ ଫର ଗଞ୍ଜାମର ଆବାହକ ତଥା ଶିକ୍ଷାବିତ ସୁଧିର କୁମାର ରାଉତ, ଜାତୀୟ ସାମ୍ବାଦିକ ୟୁନିଅନର ଓଡ଼ିଶା ଶାଖା ସଭାପତି ରବି ରଥ, ହଳଦିଆପଦରସ୍ଥିତ ସଂକଳ୍ପ ଡେବୋଡ଼ିଂ ସ୍କୁଲର ସଭାପତି ଇ. ତେଜେଶ୍ୱର ରାଓ, ଅଜିତ କୁମାର ମହାପାତ୍ର, ଶ୍ରୀମତୀ ସୁଜାତା ମଜନଦୁଦାର, ଅନିଲ କୁମାର ବିଷୋୟୀ, ଗୋପାଳ କୃଷ୍ଣ ଡ଼ାକୁଆ, ପି.କେ. ମୁନି, ଗଞ୍ଜାମ ଚ୍ୟାମ୍ବର ଅଫ କମର୍ସର ଜେ. ସୁରେଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ସଂଗଠନର ସମ୍ପାଦକ ପଦ୍ମନାଭ ମହାରଣା ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ମେଧା ପ୍ରତିଯୋଗିତାର କୃତି ଛାତ୍ରମାନଙ୍କୁ ବିଭିନ୍ନ ଉପହାର ଓ ପୁରସ୍କାର ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବାଇକ୍‌ରୁ ଖସି ଆରୋହୀ ଗୁରୁତର

କେନ୍ଦୁଝର (ପିଏନ୍): ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଗମ୍ଭାରିଆ ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡି ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଆନୁଯାୟୀ ଭଗପଶି ଗ୍ରାମର ପଞ୍ଚୁରତ୍ନ ଗାଗରାଇ (୨୦) ଚାକୁଣ୍ଡାପାଳ ନିଜ ଭଉଣୀ ଘରକୁ ଯାଉଥିବା ବେଳେ ଗମ୍ଭାରିଆ ନିକଟରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦେଇପଶି ଡାକ୍ତରଖାନା ଏବଂ ପରେ ପାଟଣା ଡାକ୍ତରଖାନାରେ ଭର୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଛନ୍ତି।

## ଖୋର୍ଦ୍ଧାରେ ଶହୀଦ ଜୟୀ ରାଜଗୁରୁ ଜୟନ୍ତୀ ସମାରୋହ

ଖୋର୍ଦ୍ଧା (ପିଏନ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କର ୨୮୦ତମ ଜୟନ୍ତୀ ଶହୀଦ ଜୟୀ ରାଜଗୁରୁ ସ୍ମୃତି ସମାରୋହ ସମିତି ଆନୁକୂଲ୍ୟରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ରାଜ୍ୟ ସଭାପତି ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ସଭାପତି ଡକ୍ଟର ନନ୍ଦ ତାଙ୍କ ସ୍ୱାଗତ ଭାଷଣରେ କହିଲେ ଆଜି ପାଇକ ବିଦ୍ରୋହକୁ ୨୧୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିର କେନ୍ଦ୍ର ସରକାର ସେହି ବୀର ପୁଙ୍ଗବ ତଥା ପାଇକ ମାନଙ୍କର ଅମ୍ଳାନ ଦିନର ମହାନ୍ ସ୍ମୃତି ଇତିହାସକୁ କାଳ କାଳ ପାଇଁ ଜୀବିତ କରି ରଖିବା ପାଇଁ ଏହି ଖୋର୍ଦ୍ଧାର ବରୁଣେଇ ପାହାଡର ପାଦ ଦେଶର ବିଶାଳ ଭୂଖଣ୍ଡରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ୍ ମିଳିତ ଭାବରେ ଶହ ଶହ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରତିଶୃତିବଦ୍ଧ। ସେଥିପାଇଁ ଖୋର୍ଦ୍ଧା ତଥା ଓଡିଶାର ଏହି ମହାନ ଗାଥାକୁ ମଳିନ ହେବାକୁ ନଦେଇ ଆଜିର ରାଜ୍ୟ ସରକାର ସମସ୍ତ ପ୍ରକାର ରାଜନୀତିରୁ ଉର୍ଦ୍ଧ୍ୱରେ ରହି କୋଟି କୋଟି ଓଡିଆଙ୍କ କୋହକୁ ଅନୁଭବ କରି ଓଡିଶା ସରକାର ସେଥିପାଇଁ ଯୋଗାଇ ଦେଇଥିବା ୧୦ ଏକର ଜମି ପରିବର୍ତେ ୧୦୦ ଏକରର ଭୂଖଣ୍ଡ ସେହି ଐତିହାସିକ ବରୁଣେଇର ପାଦଦେଶରେ ଯୋଗାଇ ଦିଅନ୍ତୁ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ଜୟୀ ରାଜଗୁରୁଙ୍କର ଜୀବନାଦର୍ଶକୁ ମନେପକାଇ ଏକ ଭାବବିହ୍ୱଳ ଢଙ୍ଗରେ କହିଲେ ଯେଉଁମାନେ ଇଂରେଜମାନଙ୍କୁ କଡାକଡି ଭାବରେ ବିରୋଧ କରିଥିଲେ, ସେମାନଙ୍କୁ ଇଂରେଜମାନେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଛନ୍ତି ଏବଂ ସେହି ଐତିହାସିକ ତଥ୍ୟ ସମୂହକୁ ଲୋକଲୋଚନକୁ ଆଣିବାକୁ ଦିଆଯାଇନାହିଁ। ବର୍ତମାନ ସମୟ ଆସିଛି ସେସବୁ ତଥ୍ୟ ସମୂହକୁ ପୁନରୁଦ୍ଧାର କରି ଏହି ବୀର ଜାତିର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ହେବ। ଆଜିର କେନ୍ଦ୍ର ସରକାର ସେଥିପାଇଁ ଆଗେଇ ଆସିଥିବାରୁ ଆମେ ଗର୍ବିତ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ପରିବେଶବିତ ତଥା ସମାଜସେବୀ ଡକ୍ଟର ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଜୟୀ ରାଜଗୁରୁ ନିଜର ମାଟି ମାଆ ତଥା ରାଜାଙ୍କୁ ରକ୍ଷା କରିବାକୁ ଯାଇ ଏକ ଅଜେୟ ଶକ୍ତି ବିରୋଧରେ ସଂଗ୍ରାମ ଚଳାଇ ଓଡ଼ିଶା ତଥା ଭାରତ ଇତିହାସରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଯାଇଛନ୍ତି। ତାଙ୍କଦ୍ୱାରା ଅନୁସୃତ ପନ୍ଥା ପରବର୍ତୀ ସମୟର ପାଇକ ବିଦ୍ରୋହକୁ ପ୍ରେରଣା ଯୋଗାଇଛି। ତାଙ୍କ ସଂଗ୍ରାମ ତଥା ଖୋରଧାକୁ ମୁକ୍ତ ଓ ସ୍ୱାଧୀନ କରିବାର ପ୍ରୟାସ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏକ ନୂତନ ଉଚ୍ଛ୍ୱାସ ଓ ଉଦ୍ଦୀପନା ସୃଷ୍ଟି କରିଛି, ଯାହାକି ଏହି ବିଶାଳ ଭାରତ ବର୍ଷର ସ୍ୱାଧୀନତା ପାଇଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ପରିଗଣିତ ହୋଇପାରିଛି ଏବଂ ସେହି ବୀର ଶହୀଦ ଜୟୀ ରାଜଗୁରୁଙ୍କୁ ଦେଶ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ବୋଲି ସରକାରୀ ଭାବେ ମାନ୍ୟତା ମିଳିବା ଉଚିତ। ଏହି ବୀରତ୍ୱର ବାର୍ତା ଆମର ପରପୀଢ଼ିମାନେ ଜାଣିଲେ ଏହି ଓଡିଆ ଜାତିର ଉତଥାନ ହୋଇପାରିବ। ସମ୍ମାନୀତ ଅତିଥି ଭାବରେ ଇଂ ଶାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇ କହିଲେ ଜୟୀ ରାଜଗୁରୁଙ୍କ ଭଳି ସାହସୀ, ସ୍ୱାଭିମାନୀ ଯୋଦ୍ଧା ପୃଥିବୀ ଇତିହାସରେ ବିରଳ, କିନ୍ତୁ କ୍ଷୋଭର ବିଷୟ ତାଙ୍କ ସ୍ମୃତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ସେଭଳି କିଛି କାମ କରି ନାହାଁନ୍ତି। ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ଶକ୍ତି ଶଙ୍କର ମିଶ୍ର, ଶିକ୍ଷାବିତ୍ ଡକ୍ଟର ବୃନ୍ଦାବନ ପଣ୍ଡା ଏବଂ ଇଂ ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଜୟୀ ରାଜଗୁରୁଙ୍କର ଅମ୍ଳାନ ଗାଥାକୁ ସ୍ମରଣ କରାଇ ଦେଇଥିବା ବେଳେ କବି ଅଖିଳେଶ ମହାପାତ୍ର ଓ ନୀଳାଦ୍ରୀନାଥ ଜଗଦେବ ପ୍ରମୁଖ ଜୟୀ ରାଜଗୁରୁଙ୍କ ଉପରେ ସ୍ୱରଚିତ କବିତା ପାଠକରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଖୋର୍ଦ୍ଧାର ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ। ପୂର୍ବାହ୍ଣରେ ସ୍ମୃତି ସଂସଦ ତରଫରୁ ସହରର ଗଡଖୋର୍ଦ୍ଧା ଛକଠାରେ ଅମର ଶହୀଦ୍‌ଙ୍କ ସମେତ ପଂଚ ପାଇକଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication




Bhubaneswar Friday November 01 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୦୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ୩ରେ କିଟ୍ ନହ୍ନିପରୀ ଆଞ୍ଚଳିକ ଅଡିସନ

ଭୁବନେଶ୍ୱର : କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତାର ଆଞ୍ଚଳିକ ଅଡିସନ୍ ଦେଶର ବିଭିନ୍ନ ସହରରେ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୩ ତାରିଖରେ ଭୁବନେଶ୍ୱରଠାରେ ଓଡ଼ିଶା ପାଇଁ ଆଞ୍ଚଳିକ ଅଡିସନ୍ ଅନୁଷ୍ଠିତ ହେବ। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ କିଟ୍ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ୧୩ ରୁ ୧୬ବର୍ଷ ବୟସର ବାଳିକାମାନେ ଏହି ଅଡିସନ୍‌ରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନିପରୀ ଟାଇଟଲ୍ ବିଜେତାଙ୍କ ପାଇଁ ୨୧ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ବେଳେ ତାଙ୍କୁ ମୋଟ ଆର୍ଥିକ ପୁରସ୍କାର ରାଶିରୁ ୩ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବାଦ୍ କିଟ୍‌ରେ ପାଠ ପଢିଲେ ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ପ୍ରଥମ ରନର୍ସ ଅପ୍ ପାଇଁ ୧୦ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ରନର୍ସ ଅପ୍ ପାଇଁ ୯ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବା ସହ ଏବଂ କିଟ୍‌ରେ ପାଠ ପଢିଲେ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ଦ୍ୱିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ଓ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ। ସେହିପରି ପ୍ରତିଯୋଗିତାର ଅନ୍ୟାନ୍ୟ ବର୍ଗ ଯଥା: ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ଓ୍ୱିଜ୍‌କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍‌ଟିଭ୍ ଆଦିରେ ମଧ୍ୟ ଅର୍ଥରାଶି ପୁରସ୍କାର ବ୍ୟବସ୍ଥା ରହିଛି। ଏଠାରେ ସୂଚନାଯୋଗ୍ୟ, ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନହ୍ନିପରୀ ଏବେ ସମଗ୍ର ଦେଶରେ କୁନି ସୁନ୍ଦରୀ ପ୍ରତିଯୋଗିତା ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି।

## ନଭେମ୍ବର ୧ରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ସିଲ୍କ ଇଣ୍ଡିଆ ଏକ୍ସପୋ

ଭୁବନେଶ୍ୱର: ନଭେମ୍ବର ୧ ରୁ ଭୁବନେଶ୍ୱରର ଇଡ଼କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩ ରେ ୧୧ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି ସିଲ୍କ ଇଣ୍ଡିଆ ଏକ୍ସପୋ। ଉକ୍ତ ଏକ୍ସପୋରେ ବିଭିନ୍ନ ସିଲ୍କ ସାଢୀ ବୁଣାଳି ଏବଂ ସିଲ୍କ କୋଅପରେଟିଭ୍ ସୋସାଇଟି ୬୫ଟି ଷ୍ଟଲରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ ତଥା ବିକ୍ରୟ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ମହିସୂର ସିଲ୍କ ସାଢୀ, କ୍ରେପ୍ ଏବଂ ଜର୍ଜେଟ ସିଲ୍‌କ ସାଢୀ, ସିଫନ ସିଲ୍କ ସାଢୀ ଭଳି ବିଭିନ୍ନ ସାଢୀ ଉପଲବ୍ଧ ହେବ। ଏହି ଏକ୍ସପୋ ସମ୍ପର୍କରେ ଏହାର ଆୟୋଜକ, ଅଭିନନ୍ଦ କହିଛନ୍ତିଯେ, 'ଉକ୍ତ ପ୍ରଦର୍ଶନୀ ମାଧ୍ୟମରେ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।'

## ବଜାରକୁ ଆସିଲା ଓରିଫ୍ଲେମର ନୂତନ ଏ-ଜେଡ ଓ୍ୱାନ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦

ଭୁବନେଶ୍ୱର :ସୌନ୍ଦର୍ଯ୍ୟର ପରମ୍ପରା ବର୍ତ୍ତମାନ ଅଧିକ ପ୍ରାକୃତିକ ରୂପରେ ଆସିବା ପାଇଁ ବିକଶିତ ହେଉଛି। ଜଣଙ୍କର ପ୍ରାକୃତିକ ତ୍ୱଚା ଅନୁରୂପ ହୋଇଥିବା 'ନ୍ୟୁଡ ମେକଅପ'' ବର୍ତ୍ତମାନ ସୌନ୍ଦର୍ଯ୍ୟ ଏବଂ ମେକଅପ କ୍ଷେତ୍ରରେ ଅଧିକ ଆଦୃତ ହେଉଛି। ତେଣୁ ବର୍ତ୍ତମାନର ମାର୍କେଟ ଟ୍ରେଣ୍ଡକୁ ଆଖି ଆଗରେ ରଖି ସ୍ୱେଡିସ ପ୍ରତ୍ୟେକ୍ଷ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ପକ୍ଷରୁ ଏହାର ନୂତନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ର ଶୁଭାରମ୍ଭ କରାଯାଇଛି। ପ୍ରଗତିଶୀଳ ବିଜ୍ଞାନ ସହିତ ପ୍ରକୃତିର ସର୍ବଶ୍ରେଷ୍ଠ ଉପାଦାନ ଗୁଡ଼ିକରେ ସମୃଦ୍ଧ ଏହି କ୍ରିମ ଏକ ତେଜମୟ ତଥା ଉଜ୍ଜ୍ୱଳ ତ୍ୱଚାକୁ ପ୍ରୋତ୍ସାହିତ କରିଥାଏ। ଏଥିରେ ଥିବା କ୍ରିଷ୍ଟାଲ ବ୍ରାଇଟ କମ୍ପ୍ଲେକ୍ସ ତ୍ୱଚାର ଉଜ୍ଜ୍ୱଳତାରେ ସହାୟକ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ସିଲ୍ଡ କ୍ଷତିକାରୀ ପ୍ରଭାବରୁ ଆପଣଙ୍କ ତ୍ୱଚାକୁ ରକ୍ଷା କରିଥାଏ। ଏହା ବ୍ୟତୀତ ଏହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ କଭରେଜ ମଧ୍ୟ ପ୍ରଦାନ କରିଥାଏ। ଏହି ଶୁଭାରମ୍ଭ ପରିପ୍ରେକ୍ଷୀରେ ଓରିଫ୍ଲେମ ଦକ୍ଷିଣ ଏସିଆ, ମାର୍କେଟିଙ୍ଗ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବିନ ଆନନ୍ଦ କହିଛନ୍ତି ଯେ 'ବର୍ତ୍ତମାନର ଗ୍ରାହକମାନେ ଗୋଟିଏ ଉତ୍ପାଦରେ ଏକାଧିକ ଲାଭକାରୀ ଗୁଣର ସନ୍ଧାନ କରିଥାନ୍ତି। ସେଥିପାଇଁ ହିଁ ଆମେ ଏହି ଅଭିନଭ ଓ୍ୱାନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ ନେଇ ଆସିଛି, ଯାହାକି କେବଳ ଉପଯୁକ୍ତ କଭରେଜ ପ୍ରଦାନ କରିନଥାଏ ବରଂ ତ୍ୱଚାକୁ ହାଇଡ୍ରେଟ ଏବଂ ସୁରକ୍ଷିତ ରଖିଥାଏ।'ଏହି କ୍ରିମ ପ୍ରୋସେଲେନ, ନ୍ୟୁଡ ଏବଂ ବେଜ ଭଳି ତିନୋଟି ସେଡରେ ଆସିଥିବା ବେଳେ, ଏହା ଅଏଲ ଫ୍ରି ଏବଂ ନନ-କମେଡୋଜେନିକ ଫର୍ମୁଲା ସହ ସବୁ ପ୍ରକାର ତ୍ୱଚା ପାଇଁ ଉପଯୁକ୍ତ।

# ଆଇସିଆଇସିଆଇ ବ୍ୟାଙ୍କ ଭାରତରେ ସର୍ବାଧିକ ୨ ନିୟୁତ ଫାଷ୍ଟ୍‌ଟ୍ୟାଗ୍ ଜାରି କରିବାର ମାଇଲଖୁଣ୍ଟ ଟପିଲା

ଭୁବନେଶ୍ୱର : ଭାରତରେ ୨ ନିୟୁତ ଫାଷ୍ଟ୍‌ଟ୍ୟାଗ୍ ଜାରି କରିବାର ମାଇଲଖୁଣ୍ଟ ଅତିକ୍ରମ କରିଛି ଆଇସିଆଇସିଆଇ ବ୍ୟାଙ୍କ। କୌଣସି ବ୍ୟାଙ୍କ ତରଫରୁ ଏହା ସର୍ବାଧିକ ପରିମାଣର ଫାଷ୍ଟ୍‌ଟ୍ୟାଗ୍ ଜାରି କରାଯାଇଛି। ଆସନ୍ତା ଛଅ ମାସ ଭିତରେ ବ୍ୟାଙ୍କ ଏହି ସଂଖ୍ୟାକୁଦ୍ୱିଗୁଣିତ କରିବାକୁ ଯୋଜନା ରଖିଛି। ଫାଷ୍ଟ୍‌ଟ୍ୟାଗ୍ ହେଉଛି ଏକ ବ୍ରାଣ୍ଡ୍ ନାମ ଯାହାର ମାଲିକାନା ଭାରତୀୟ ହାଇୱେଜ୍ ମ୍ୟାନେଜମେଂଟ୍ କଂପାନି (ଆଇଏଚଏମସିଏଲ)ପାଖରେ ରହିଛି ଯାହା ଇଲେକ୍ଟ୍ରୋନିକ୍ସ ଟୋଲିଂ ଓ ଏନଏଚଏଆଇର ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରୁଛି। ଏହି ରେଡିଓ ଫ୍ରିକ୍ୱେନ୍ସି ଆଇଡେନ୍‌ଟିଫିକେସନ୍ ଡିଭାଇସ୍ (ଆର୍‌ଏଫ୍‌ଆଇଡି)କୁ ଗାଡ଼ିର ଚକରେ ଥିବା ଓ୍ୱିଣ୍ଡ୍ ସ୍କ୍ରିନ୍‌ରେ ଖଂଜାଯାଇଥାଏ। ଏହାକୁ ବ୍ୟବହାର କରିବାବହୁତ ସହଜ ଯାହା ଜରିଆରେ ଟୋଲ୍ ଦେୟ ଆପେ କଟିଯାଏ ଏବଂ ଅତି ସହଜରେ ଗାଡ଼ିଟି ଟୋଲ୍ ପ୍ଲାଜା ଆଗକୁ ବଢ଼ିଯାଏ।ଉଭୟ ପରିମାଣ ଏବଂ ସଂଖ୍ୟା ଦୃଷ୍ଟିରୁ ଇଲେକ୍ଟ୍ରୋନିକ୍ସ ଟୋଲ୍ ସଂଗ୍ରହ କ୍ଷେତ୍ରରେ ଆଇସିଆଇସିଆଇ ବ୍ୟାଙ୍କ ଅଗ୍ରଣୀ ସ୍ଥାନରେ ରହିଛି। ବ୍ୟାଙ୍କ ପାଖରେ ଏହି ବଜାରର ଅଧା ଭାଗ ରହିଛି। ମୂଲ୍ୟ ଦୃଷ୍ଟିରୁ ବ୍ୟାଙ୍କ ପାଖରେ ଫାଷ୍ଟଟ୍ୟାଗ୍ ବଜାରର ୬୦% ଭାଗ ରହିଛି। ୨୦୧୯ ସେପ୍ଟେମ୍ବରରେ ସାରା ଶିଳ୍ପରେ ୨୯ ନିୟୁତ ଟନ୍ ଫାଷ୍ଟ୍‌ଟ୍ୟାଗ୍ କାରବାର ହୋଇଥିଲା। ସେଥି ମଧ୍ୟରୁ ଆଇସିଆଇସିଆଇ ବ୍ୟାଙ୍କ ଜରିଆରେ ୩୯୫ କୋଟି ଟଙ୍କାର ୧୫.୪ ନିୟୁତ କାରବାର ହୋଇଥିବା ଜଣାପଡ଼ିଛି। ବ୍ୟାଙ୍କର ଏହି ସଫଳତା ବିଷୟରେ ସୁଦୀପ୍ତ ରଏ, ମୁଖ୍ୟ-ଅନସିକ୍ୟୁରଡ୍ ଆସେଟ୍, ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି ଯେ, "ଆଇସିଆଇସିଆଇ ବ୍ୟାଙ୍କରେ ଆମେ ଇଟିସିକୁ ସାରା ଦେଶର ଜାତୀୟ ରାଜପଥରେ କାର୍ଯ୍ୟକାରୀ କରିବାରେ ଆଇଏଚଏମସିଏଲର ସହଯୋଗୀ ହୋଇଥିବାରୁ ଗର୍ବିତ ମନେ କରୁଛୁ। ଦେଶର ପ୍ରଥମ ବ୍ୟାଙ୍କ ଭାବେ ଆମେ ଏହି ଅଭିନବ ସେବାକୁ ମୁମ୍ବାଇ-ଭଦୋଦରା କରିଡରରେ ଆରମ୍ଭ କରିଥିଲୁ ଏବଂ ସଫଳତାର ସହ ମାନଦଣ୍ଡ ଧାର୍ଯ୍ୟ କରିଥିଲୁ ଯାହା ଏବେ ବେଶ ପରିପକ୍ୱ ହୋଇଯାଇଛି ଏବଂ ସାରା ଦେଶର ବ୍ୟାଙ୍କରେ ଇଂଟରଅପରେଟାବିଲିଟି ପାଇଁ ଏକ ଜାତୀୟ ମାନକରେ ପରିଣତ ହୋଇଛି।'' ଫାଷ୍ଟଟ୍ୟାଗ୍ ଯୋଗୁ ଗାଡ଼ିଚାଳକମାନେ ବହୁତ ଲାଭାନ୍ୱିତ ହେଉଥିବା ବେଳେ ଟୋଲ୍ ପ୍ଲାଜାଗୁଡ଼ିକରେ ଭିଡ଼ କମିଛି ଏବଂ ଚାଳକମାନଙ୍କୁ ଟୋଲ୍ ଫି' ଦେବା ଲାଗି ଠିଆ ହେବାକୁ ପଡୁନାହିଁ।

# ଆଇବିଏମ ଝିଅ ମାନଙ୍କ ପାଇଁ ଷ୍ଟେମ ଆରମ୍ଭ କରିବାକୁ ଓଡ଼ିଶା ସରକାରଙ୍କ ସହିତ ଏମଓୟୁ ହସ୍ତାକ୍ଷର କରିଛନ୍ତି

ଭୁବନେଶ୍ୱର : ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଙ୍ଗ ଏବଂ ଗଣିତ (ଷ୍ଟେମ) ଆଦି କ୍ଷେତ୍ରରେ ୨୦,୦୦୦ଛାତ୍ର ଏବଂ ୧୦,୦୦୦ ପୁଅଙ୍କର କୌଶଳ ଏବଂ କ୍ୟାରିୟର ବୃଦ୍ଧି କରିବା ପାଇଁ ବିଭିନ୍ନ ଜିଲ୍ଲାରେ ୧୦୦+ଉଚ୍ଚ ମାଧ୍ୟମିକ ସ୍କୁଲରେ 'ଝିଅମାନଙ୍କ ପାଇଁ ଆଇବିଏମ ଷ୍ଟେମ' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ସହିତ ଏକ ବୁଝାମଣା ଜ୍ଞାପନ (ଏମଓୟୁ) ହସ୍ତାକ୍ଷର କରିଛି ବୋଲି ଆଇବିଏମ (NYSE:IBM) ଆଜି ଘୋଷଣା କରିଛି। ଷ୍ଟେମ କ୍ୟାରିୟରରେ ଝିଅ ଏବଂ ମହିଳା ମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ଏହି ସହଯୋଗ ଆଇବିଏମ ଏବଂ ଭାରତୀୟ ରାଜ୍ୟ ସରକାର ମାନଙ୍କ ମଧ୍ୟରେ ତିନି ବର୍ଷିଆ କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ ଅଟେ। କ୍ଲାଉଡ ଏବଂ ଏଆଇ ଭଳି ସୃଷ୍ଟି ହେଉଥିବା ପ୍ରଯୁକ୍ତି ବିଦ୍ୟାର ତ୍ୱରଣ ସହିତ ଭାରତରେ ଏକ ଉଚ୍ଚତର ଯୋଗ୍ୟ କାର୍ଯ୍ୟବଳର ଦାବି ତ୍ୱରିତ ଗତିରେ ବୃଦ୍ଧି ପାଇଛି। ପ୍ରଦ୍ୟୋଗିକ କ୍ଷମତା ସହିତ ଜୀବନ ଏବଂ ଆତ୍ମ-ବୋଧନ କୌଶଳ ନିର୍ମାଣ କରିବା ପାଇଁ 'ଝିଅମାନଙ୍କ ପାଇଁ ଆଇବିଏମ ଷ୍ଟେମ' କାର୍ଯ୍ୟକ୍ରମରେ ଏକ ବ୍ୟାପକ ଦୃଷ୍ଟିକୋଣର ବିଶେଷତା ରହିଛି।ଆଇବିଏମ କର୍ପୋରେଟ ସାମାଜିକ ଦାୟିତ୍ୱର ଏକ ପ୍ରାରମ୍ଭ ଭାବରେ 'ଝିଅମାନଙ୍କ ପାଇଁ ଷ୍ଟେମ'ର ପ୍ରାଥମିକ ଲକ୍ଷ୍ୟ ହେଲା ସରକାରୀ ସ୍କୁଲରେ ପଢୁଥିବା ଝିଅମାନଙ୍କ ପାଇଁ ଶିକ୍ଷା-ରୁ-କାର୍ଯ୍ୟ ଏବଂ କ୍ୟାରିୟରରେ ସେମାନଙ୍କର ଆଗ୍ରହ ବୃଦ୍ଧି କରିବା ଲକ୍ଷ୍ୟ ସହିତ ୨୧ତମ ଶତାବ୍ଦୀ କୌଶଳ ଓ କ୍ୟାରିୟର ବିକାଶ ଆଦି କାର୍ଯ୍ୟକ୍ରମରେ ଅ'ର୍ଭୁକ୍ତ ହୋଇଛି।'ଦେଶରେ ବର୍ତ୍ତମାନ କୌଶଳ ବ୍ୟବଧାନ ଉପରେ ସମ୍ବୋଧନ କରିବା ଏବଂ ଆମର ଭବିଷ୍ୟତ କାର୍ଯ୍ୟବଳ ଉପରେ ନିବେଶ କରିବାକୁ ସଂପୂର୍ଣ୍ଣ ପାରିବେଶିକ ପ୍ରଣାଳୀ ଏକାଠି ଆସିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଆଇବିଏମ ସହିତ ଆମର ସହଯୋଗ ଭବିଷ୍ୟତର ଚାକିରି ପାଇଁ ଠିକ କୌଶଳରେ ଛାତ୍ରମାନଙ୍କୁ ସଜ୍ଜିତ କରିବ ଏବଂ ଏକ ବିବିଧ କାର୍ଯ୍ୟବଳକୁ ପ୍ରତିନିଧିତ୍ୱ କରିବ।' ଶ୍ରୀମତୀ ଚିତ୍ରା ଅରୁମୁଗମ, ସରକାରଙ୍କ ଆୟୁକ୍ତ-ସହିତ-ସଚିବ, ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଭୁବନେଶ୍ୱର, କହିଥିଲେ। 'ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଭାରତର ପ୍ରତିଭା ଆଧାର ପ୍ରତିସ୍ପର୍ଦ୍ଧା କରିବା ଆମେ ଚାହୁଁଥିଲେ ସେମାନଙ୍କ କୌଶଳ ବୃଦ୍ଧି କରିବା ଅନିବାର୍ଯ୍ୟ ଅଟେ। ଓଡ଼ିଶା ସରକାରଙ୍କ ସହିତ ଆମର ସହଯୋଗ ବଜାର ପରିବର୍ତ୍ତନ ଏବଂ ଉଦ୍ୟୋଗ ଆବଶ୍ୟକତା ସହିତ ବୃହତର ତାଳମେଳ ରକ୍ଷା କରିବା ପାଇଁ ଛାତ୍ରମାନଙ୍କୁ ସାହାଯ୍ୟ କରିବ।

# ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀ: ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ୦୧ତାରିଖରୁ ଆରମ୍ଭ




ଭୁବନେଶ୍ୱର: କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜି.ଏସ୍. ମାର୍କେଟିଙ୍ଗ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜନତା ମଇଦାନଠାରେ କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ଆୟୋଜନ କରାଯାଇଛି। ଏହି ଫେୟାର ୦୨ ନଭେମ୍ବରରୁ ଆରମ୍ଭ ହୋଇ ୧୧ ନଭେମ୍ବର ପର୍ଯ୍ୟ' ଚାଲିବ। ୦୨ତାରିଖରେ ମୁଖ୍ୟ ଅତିଥି ଓଡିଶା ସରକାରଙ୍କ ମାନ୍ୟବର ପଂଚାୟତରାଜ, ପାନୀୟ ଜଳ, ଆଇନ, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାରକୁ ସଂଧ୍ୟା ୪ଟା ସମୟରେ ଉଦ୍‌ଘାଟନ କରିବେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଭୁବନେଶ୍ୱରର ବିଧାୟକ ଅନ' ନାରାୟଣ ଜେନା, ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ନାଲକୋର ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ବସନ୍ତ କୁମାର ଠାକୁର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କ୍ରେଡାଇ ଭୁବନେଶ୍ୱରର ଫାଉଣ୍ଡେସନ୍‌ର ସଭାପତି କା'ିଲାଲ ପଟେଲ, ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରମେଶ ମହାପାତ୍ର, ଏକ୍ସିବିସନ୍ ଅର୍ଗାନାଇଜିଂ କମିଟିର ଅଧ୍ୟକ୍ଷ ପ୍ରକାଶ ଶାହା, ଜିଏସ୍ ମାର୍କେଟିଙ୍ଗ ଆସୋସିଏଟସ୍‌ର ସିଇଓ ସୁପର୍ଣ୍ଣା ଦତ ଗୁପ୍ତା ଆଦି ଉପସ୍ଥିତ ରହିବେ। ୦୧ ନଭେମ୍ବରରୁ ୧୧ ତାରିଖ ମଧ୍ୟରେ ଏହି ଫେୟାର ପ୍ରତ୍ୟେକ ଦିନ ମଧ୍ୟାହ୍ନ ୦୨ଟାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିବ।କ୍ରେଡାଇ ଭୁବନେଶ୍ୱର ପ୍ରାୟୋଜିତ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀରେ ବିଭିନ୍ନ ରିୟଲ ଇଷ୍ଟେଟ୍ ଡେଭଲପରସ୍ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିବେ। ଏହା ବ୍ୟତୀତ ରିୟଲ ଇଷ୍ଟେଟ୍ ସମ୍ବନ୍ଧିତ ସମସ୍ତ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ ଆଦି ମଧ୍ୟ ଏହି ପ୍ରଦର୍ଶନୀରେ ଭାଗ ନେବେ। ଚଳିତ ବର୍ଷ ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାରକୁ ୟୁସିସିଆଇ ସହଯୋଗୀତାରେ ଆୟୋଜନ କରାଯାଇଛି ଏବଂ ସହଯୋଗୀ ଦେଶ ହେଉଛନ୍ତି ବାଂଲାଦେଶ ଓ ଥାଇଲାଣ୍ଡ, ଫୋକସ୍ ଦେଶ ଭାବେ ଆଫଗାନିସ୍ତାନ ଏବଂ ତୁର୍କୀ। କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସହଯୋଗୀ ରାଜ୍ୟ ହୋଇଥିବାବେଳେ ଫୋକସ୍ ରାଜ୍ୟ ହେଉଛି ତାମିଲନାଡୁ ଏବଂ ମହାରାଷ୍ଟ୍ର ଆୟୋଜକ ରାଜ୍ୟ ହେଉଛି ଓଡିଶା। ଚଳିତବର୍ଷ ଏହି ଫେୟାରରେ ସମୁଦାୟ ୫୦୦ଟି ଷ୍ଟଲ ରହିବ ତନ୍ମଧ୍ୟରୁ ୭ଟି ଦେଶ ଓ ଭାରତର ୧୦ଟି ରାଜ୍ୟ ଅଂଶଗ୍ରହଣ କରୁଛନ୍ତି। ତୁର୍କୀ, ଆଫଗାନୀସ୍ତାନ, ବାଂଲାଦେଶ, ଦୁବାଇ, ମାଲେସିଆ, ଇଣ୍ଡିଆ ଏବଂ ଥାଇଲାଣ୍ଡ ଭଳି ଦେଶ ଏହି ଫେୟାରରେ ଯୋଗ ଦେବେ। ଏହି ଫେୟାର ନିମନ୍ତେ ପ୍ରବେଶ ଶୁଳ୍କ ୨୦ଟଙ୍କା। ଭ୍ରମଣକାରୀମାନଙ୍କ ପାଇଁ ଏକ ଲକି ଡ୍ର ମଧ୍ୟ ଆୟୋଜନ କରାଯାଇଛି ଏବଂ ବିଜେତାଙ୍କୁ ଆକର୍ଷଣୀୟ ପରସ୍କାର ପ୍ରଦାନ କରାଯିବ। ୦୧ନଭେମ୍ବରରୁ ୧୧ତାରିଖ ମଧ୍ୟରେ ଆୟୋଜିତ ଏହି ଫେୟାରରେ ଘରକରଣ ଜିନିଷଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ଦ୍ରବ୍ୟ ଗ୍ରାହକ ପାଇପାରିବେ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି : ସମାଜବାଦୀ ପାର୍ଟି

ଭୁବନେଶ୍ୱର, ତା ୩୧।୧୦ : ଭାରତ ବର୍ଷର ପ୍ରଥମ ଉପ ପ୍ରଧାନମନ୍ତ୍ରୀ, ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୪୪ତମ ଜନ୍ମଜୟନ୍ତୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ବରିଷ୍ଠ ନେତା ବିଜୟ ବେହେରା, ଯୁବନେତା ଦେବାଶିଷ ମହାପାତ୍ର, ଦେଶପ୍ରୀୟ ଦାସ ଓ ରିତେଶ ପଟ୍ଟନାୟକ ପ୍ରମୁଖ ସର୍ଦ୍ଦାର ପଟେଲ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସର୍ଦ୍ଦାର ପଟେଲଙ୍କର ଜାତୀୟ ଏକତା, ସଂହତି ଓ ଦେଶୀୟ ରାଜ୍ୟ ମିଶ୍ରଣରେ ବଳିଷ୍ଠ ଭୂମିକା ଉପରେ ଶ୍ରୀ ବେହେରା ବିଷଦ ଭାବରେ ଆଲୋକପାତ କରିଥିଲେ। ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ସର୍ଦ୍ଦାର ପଟେଲଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖାଯାଇ ଦାବି କରାଯାଇଛି।

# ବୃହତ ଆକାରର ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ସ୍ମାର୍ଟ ସମ୍ବଲପୁରରେ ଖୋଲିଲା ପ୍ରଥମ ଷ୍ଟୋର୍

ସମ୍ବଲପୁର: ରିଲାଏନ୍ସ ରିଟେଲ୍‌ର ବୃହତ ଆକାରର ଗ୍ରୋସରି ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ରିଟେଲ୍ ପକ୍ଷରୁ ସମ୍ବଲପୁରର ବୁଢ଼ାରଜା ମେନ୍ ରୋଡ୍‌ରେ ବାଲାଜୀ ଡେଭେଲପରରେ ପ୍ରଥମ ଷ୍ଟୋର ଖୋଲାଯାଇଛି। ଗୋଟିଏ ଛାତ ତଳେ ଗ୍ରୋସରି, ଫଳ ଓ ପନିପରିବା, ଦୁଗ୍ଧ ଠାରୁ ଆରମ୍ଭ କରି କିଚେନ ଓ୍ୟାର ଏବଂ ହୋମଓ୍ୟାର ଇତ୍ୟାଦି ପର୍ଯ୍ୟ' ବ୍ୟାପକ ପ୍ରକାରର ଉତ୍ପାଦକୁ ପ୍ରଦାନ କରି ଏହି ଷ୍ଟୋର ଓ୍ୱାନ-ଷ୍ଟପ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି। ରିଲାଏନ୍ସ ସ୍ମାର୍ଟ ବର୍ଷ ତମାମ ଏହାର ବ୍ୟାପକ ବର୍ଗର ଉତ୍ପାଦର ଏମ୍‌ଆରପି ଉପରେ ସର୍ବନିମ୍ନ ୫% ନିଶ୍ଚିତ ରିହାତି ଓ ୧୪୯୯ ଟଙ୍କାର ସର୍ବନିମ୍ନ କିଣାକିଣି ଉପରେ ୯ ଟଙ୍କାରେ ୧ କେଜି ଚିନି ପ୍ରଦାନ କରବା ଭଳି ଅନେକ ଆକର୍ଷଣୀୟ ଅଫର ସହ ମାସିକିଆ ଗ୍ରୋସରି ସପିଙ୍ଗ ପାଇଁ ସାରା ଭାରତର ପସନ୍ଦର ସୁପରମାର୍କେଟ ଭାବେ ଉଭା ହୋଇଛି। ପୁନଶ୍ଚ, ନିତିଦିନିଆ ଖାଦ୍ୟ ସାମଗ୍ରୀ ଏବଂ ଫଳ ଓ ପନିପରିବା ଇତ୍ୟାଦି ଏହା ପ୍ରତିଦିନ ସୁଲଭ ମୂଲ୍ୟରେ ପ୍ରଦାନ କରୁଛି। ସମ୍ବଲପୁରରେ ଷ୍ଟୋର୍ ଖୋଲିବା ସହ ରିଲାଏନ୍ସ ସ୍ମାର୍ଟର ଓଡ଼ିଶାରେ ଷ୍ଟୋର ସଂଖ୍ୟା ୯ରେ ପହଂଚିଛି। ରିଲାଏନ୍‌ସ ସ୍ମାର୍ଟ ସମ୍ବଲପୁର ଷ୍ଟୋର୍‌କୁ ୧୯,୬୮୪ ବର୍ଗଫୁଟରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଭଲ ଭାବେ ସୂଚନା ପ୍ରଦାନ କରିପାରୁଥିବା ଗ୍ରାହକ ସହଯୋଗୀ, ଚଳମାନ ଡିଜାଇନ ଓ ଲେଆଉଟ୍, ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ରହିଛି ଯାହା ଗ୍ରାହକମାନଙ୍କ ହୃଦୟ ଜୟ କରିବ ଏବଂ ସେମାନଙ୍କ ନିତିଦିନିଆ ଜୀବନର ଏକ ଅଂଶ ହେବ। ବର୍ଷ ବର୍ଷ ଧରି ରିଲାଏନ୍ସ ସ୍ମାର୍ଟ, ନିଜର ଗ୍ରାହକଙ୍କର ନିତିଦିନିଆ ଆବଶ୍ୟକତା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଅବସରରେ ଆବଶ୍ୟକ ପଡୁଥିବା ଉତ୍ପାଦକୁ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଆସୁଛି। ଗ୍ରାହକଙ୍କ ଉପରେ ଅଧିକରୁ ଅଧିକ ଧ୍ୟାନ ଦେବା ସହିତ ରିଲାଏନ୍ସ ସ୍ମାର୍ଟ ବୃହତ ଫର୍ମାଟରେ ବ୍ୟାପକ ବର୍ଗର ଉତ୍ପାଦ ଓ ଗ୍ରାହକଙ୍କ ଘର ନିକଟରେ ପହଂଚି ଗ୍ରାହକମାନଙ୍କୁ ସର୍ବଶ୍ରେଷ୍ଠ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି। ବର୍ତମାନ ୨୦୦ରୁ ଅଧିକ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ଦେଶର ୧୨୫ ସହରରେ ରହିଛି।

# ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ବକେୟା ଦେୟ ଦେବାର କ୍ଷମତା ଟେଲିକମ୍ ଅପରେଟରମାନଙ୍କର ରହିଛି; ସହାୟତା ଅନାବଶ୍ୟକ: ଜିଓ

ଭୁବନେଶ୍ୱର: ଟିକସଦାତାଙ୍କ ଟଙ୍କାରେ ଟେଲିକମ୍ କଂପାନିଗୁଡ଼ିକୁ କେଣସି ପ୍ରକାର ଆର୍ଥିକ ପ୍ୟାକେଜ ପ୍ରଦାନ ନକରିବା ପାଇଁ ମୁକେଶ ଅମ୍ବାନିଙ୍କ ଟେଲିକମ କଂପାନି ରିଲାଏନ୍ସ ଜିଓ ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବକେୟା ଦେୟ ପ୍ରଦାନ କରିବାର ସମସ୍ତ କ୍ଷମତା ଟେଲିକମ ଅପରେଟରମାନଙ୍କର ରହିଛି ବୋଲି ମତ ଦେଇ ସେମାନଙ୍କୁ କେଣସି ପ୍ରକାର ଆର୍ଥିକ ସହାୟତା ବା ପ୍ୟାକେଜ ଦିଆନଯାଉ ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ପକ୍ଷରୁ କୁହାଯାଇଛି ଯେ, ବକେୟା ଦେୟ ପ୍ରଦାନ କରିବା ଲାଗି କଂପାନିଗୁଡ଼ିକୁ ତିନି ମାସର ସମୟ ପ୍ରଦାନ କରାଯାଇଛି। ତାହା ଯୌକେଣସି ସଂସ୍ଥା ପାଇଁ ଯଥେଷ୍ଟ ସମୟ ଯାହା ମଧ୍ୟରେ ସେମାନେ ଆରାମରେ ବକେୟା ଦେୟ ଦେଇପାରିବେ ବୋଲି ଜିଓ କହିଛି। କେନ୍ଦ୍ର ଦୂରସଂଚାର ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଏକ ଚିଠି ଲେଖି ଜିଓ ପକ୍ଷରୁ ଜଣାଇ ଦିଆଯାଇଛି ଯେ ଦୁଇଟି ଅପରେଟରଙ୍କ ବିଫଳତାକୁ ସମ୍ପୂର୍ଣ୍ଣ ଟେଲିକମ କ୍ଷେତ୍ର ଉପରେ ପ୍ରଭାବ ବୋଲି ବିଚାର କରିବା ଠିକ ନୁହେଁ। ଏବେବି ଏହି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ରହିଥିବା ବେଳେ ରାଷ୍ଟ୍ରାୟତ ଉଦ୍ୟୋଗର ଉପସ୍ଥିତ ରହିଛି। ଏଥି ସହିତ ନୂଆ କଂପାନି ଏହି କ୍ଷେତ୍ରକୁ ପ୍ରବେଶ କରିବାରେ ମଧ୍ୟ କେଣସି ପ୍ରତିବନ୍ଧକ ନାହିଁ। ତୁର' ସରକାରୀ ସହାୟତା ପ୍ରଦାନ କରାନଗଲେ ଟେଲିକମ ଶିଳ୍ପ ବରବାଦ ହୋଇଯିବ ବୋଲି ଟେଲିକମ ଅପରେଟରଙ୍କ ସଂଘ ସିଓଏଆଇ ତରଫରୁ ଯାହା କୁହାଯାଇଛି ସେଥିରେ ଜିଓ ଏକମତ ହୋଇନାହିଁ। ସିଓଏଆଇକୁ କଡ଼ା ସମାଲୋଚନା କରି ଜିଓ ପକ୍ଷରୁ କୁହାଯାଇଛି ଯେ ସଂଘ ଏହାର ଦୁଇ ସଦସ୍ୟଙ୍କ ପ୍ରଭାବରେ ସେମାନଙ୍କ ନ୍ୟସ୍ତସ୍ୱାର୍ଥ ରକ୍ଷା କାର୍ଯ୍ୟ କରୁଛି ଏବଂ ସେହି ଦୁଇ ଅପରେଟରଙ୍କ ପ୍ରବକ୍ତା ଭାବେ କାର୍ଯ୍ୟ କରୁଛି। ଏହା ଜିଓକୁ ମଧ୍ୟ ନେଇ ନାକାରାତ୍ମକ ଭାବନା ସୃଷ୍ଟି କରୁଛି ବୋଲି ଜିଓ ତରଫରୁ ଅଭିଯୋଗ କରାଯାଇଛି। ଟେଲିକମ କ୍ଷେତ୍ରର ଆର୍ଥିକ ସ୍ଥିତି ବହୁତ ଖରାପ ଥିବା ଜଣାଇ ସରକାରଙ୍କୁ ଲିଖିତ ଆକାରରେ ଜଣାଇଥିବା ସେଲ୍ୟୁଲାର ଅପରେଟର ଆସୋସିଏସନ ଅଫ ଇଣ୍ଡିଆ (ସିଓଏଆଇ)କୁ ଜିଓ କଡ଼ା ସମାଲୋଚନା କରିଛି। ସମସ୍ତ ଆଇନଗତ ପ୍ରକ୍ରିୟାରେ ପରାସ୍ତ ହେବା ପରେ ଉକ୍ତ ଅପରେଟରମାନଙ୍କ ଦ୍ୱାରା ଏହା ସରକାରଙ୍କୁ ବ୍ଲାକମେଲ ଓ ଧମକ ସଦୃଶ ବୋଲି ଜିଓ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କୁ ଲିଖିତ ଆକାରରେ ସିଓଏଆଇ ଜଣାଇଥିଲା ଯେ ଯଦି ସରକାର ତୁର' ଆର୍ଥିକ ସହାୟତା ପ୍ରଦାନ ନକରିବେ ତେବେ ତିନି ଘରୋଇ ଅପରେଟରଙ୍କ ମଧ୍ୟରୁ ଦୁଇଟି ଅପରେଟର ଘୋର ଆର୍ଥିକ ସଙ୍କଟ ସାମ୍ନା କରିବେ ଏବଂ ଏହି କ୍ଷେତ୍ରରେ ପୁନିବେଶ ପ୍ରଭାବିତ ହେବ। ସିଓଏଆଇର ଏହି ପ୍ରସ୍ତାବକୁ ଆଦୌ ବିଚାରକୁ ନନେବାକୁ ଜିଓ ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବକେୟା ପ୍ରାପ୍ୟ ପ୍ରଦାନ କରିବା ଲାଗି ଟେଲିକମ ଅପରେଟରଙ୍କ ପାଖରେ ଟଙ୍କାର ଅଭାବ ଅଛି ବୋଲି କୁହାଯାଇପାରିବ ନାହିଁ। ପ୍ରାପ୍ୟ ପ୍ରଦାନ କରିବାରେ ସେମାନଙ୍କ ମନୋଭାବର ଅଭାବ ରହିଛି ବୋଲି ଜିଓ ପକ୍ଷରୁ ଦୂରସଂଚାର ମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସିଓଏଆଇ ବାସ୍ତବରେ ଟେଲିକମ୍ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁନଥିବା ଦର୍ଶାଇ ଏହାକୁ ଟେଲିକମ୍ ସେବା ପ୍ରଦାନକାରୀଙ୍କ ସଂଘ ଭାବେ ଗ୍ରହଣ ନକରିବା ପାଇଁ ମଧ୍ୟ ଜିଓ ପକ୍ଷରୁ ଅନୁରୋଧ କରାଯାଇଛି। ଜିଓ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ ଜିଓର ପ୍ରମୋଟର ମାନେ ଏହି କ୍ଷେତ୍ରରେ ୧ ଲକ୍ଷ ୭୫ ହଜାର କୋଟି ଟଙ୍କାର ନିବେଶ କରିଛନ୍ତି। ଏୟାରଟେଲ ଓ ଭୋଡାଫୋନ-ଆଇଡିଆର ଇକ୍ୱିଟି ନିବେଶ ଖୁବ୍ କମ୍ ରହିଛି। ତେଣୁ ନିଜର ବର୍ତ୍ତମାନର ସ୍ଥିତି ପାଇଁ ଏହି ଅପରେଟରମାନେ ନିଜେ ଦାୟୀ ବୋଲି ଅଭିହିତ କରି ଆର୍ଥିକ କୁପରିଚାଳନା ଓ ଭୁଲ ବ୍ୟାବସାୟିକ ନିଷ୍ପତି ଯୋଗୁଁ ପୁରୁଣା ଟେଲିକମ ଅପରେଟରଙ୍କ ବିଫଳତା ପାଇଁ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ ବୋଲି ଜିଓ ତରଫରୁ କୁହାଯାଇଛି। ଜିଓ ପକ୍ଷରୁ କୁହାଯାଇଛି ଯେ ଏହି କ୍ଷେତ୍ରରେ ରହିଥିବା ଟିକସ ଓ ଜିଏସ୍‌ଟି କ୍ରେଡିଟ୍ ଭଳି ବାସ୍ତବ ସମସ୍ୟାଗୁଡ଼ିକୁ ଏହ ପ୍ରସଙ୍ଗରୁ ଅଲଗା ଭାବେ ବିଚାରକୁ ନେବାକୁ ଜିଓ ପକ୍ଷରୁ କୁହାଯାଇଛି।

# ଇଣ୍ଡିଆ ମାଇନିଂ କନକ୍ଲେଭ୍ ୨୦୧୯ ଉଦ୍‌ଯାପିତ : ନିଲାମରେ ସୁବିଧାରେ ମୁରି ହସ୍ତାନ୍ତରକୁ ନେଇ ସରକାରଙ୍କ ସହାୟତା ଲୋଡ଼ିଲା ଖଣି ଶିଳ୍ପ

ଭୁବନେଶ୍ୱର: ଖଣି ନିଲାମ ପ୍ରକ୍ରିୟାରେ ମଂଜୁରି ହସ୍ତାନ୍ତର ବିଷୟକୁ ସାମିଲ କରିବା ପାଇଁ ଖଣି ଶିଳ୍ପ ଦାବି କରିଛି। ନିଲାମ ହେବାକୁ ଯାଉଥିବା ଖଣିଗୁଡ଼ିକ ପାଖରେ ଥିବା ଜଙ୍ଗଲ ମଂଜୁରି ଓ ପରିବେଶ ମଂଜୁରି ଯେଭଳି ସୁବିଧାରେ ନୂତନ କଂପାନି ପାଖକୁ ହସ୍ତାନ୍ତର ହୋଇପାରିବ ସେଥିପାଇଁ ବ୍ୟବସ୍ଥା କରିବାକୁ ଖଣି ଶିଳ୍ପ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ହୋଟେଲ୍ ମେ'ଫେୟାର କନ୍‌ଭେନ୍‌ସନ୍‌ରେ ଆୟୋଜନ କରାଯାଇଥିବା ଦୁଇଦିନିଆ ଇଣ୍ଡିଆନ ମାଇନିଂ କନ୍‌କ୍ଲେଭ ୨୦୧୯ର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଇସ୍ପାତ ଓ ଖଣି କମିଟିର ସଂଯୋଜକ ମନିଷ ଖରବନ୍ଦା କହିଛନ୍ତି ଯେ, ନିଲାମ ବେଳେ ସୁବିଧାରେ ଯେଭଳି ସବୁ ପ୍ରକାର ମଂଜୁରି ନୂତନ ଖଣି ଲିଜ୍‌ଧାରୀଙ୍କ ପାଖରେ ପହଂଚିବ ସେହି ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଉ। ସେ କହିଲେ, 'ନିଲାମ ପ୍ରକ୍ରିୟାରେ ଜଙ୍ଗଲ ଓ ପରିବେଶ ମଂଜୁରି ସାମିଲ କରାଯିବା ଦରକାର। ଏହା ହେଲେ ନୂତନ ଭାବେ ଯେଉଁ ସଂସ୍ଥା ଖଣି ପାଇବ ତାହା ସଙ୍ଗେ ସଙ୍ଗେ ଉତ୍ପାଦନ ଆରମ୍ଭ କରିପାରିବ। ଅନ୍ୟଥା ଏହି ସବୁ ମଂଜୁରି ହାସଲ କରିବା ଲାଗି ନୂଆ କଂପାନିକୁ ୩-୫ ବର୍ଷ ସମୟ ଲାଗିଯିବ। ବର୍ତ୍ତମାନର ଯେଉଁ ନିୟମ ରହିଛି ସେହି ଅନୁସାରେ ଖଣି ଲିଜ୍ ମିଳିବାର ପ୍ରଥମ ଦୁଇ ବର୍ଷ ଉତ୍ପାଦନ ଶୂନ ରହିବ। ସେଭଳି ହେଲେ ଏକ ନୂତନ ଖଣିକୁ କାର୍ଯ୍ୟକ୍ଷମ କରିବା ଲାଗି ୫-୬ ବର୍ଷରୁ ଅଧିକ ସମୟ ଲାଗିଯିବ। ଓଡ଼ିଶାରେ କାର୍ଯ୍ୟକ୍ଷମ ଥିବା ୨୧ଟି ଖଣିର ଲିଜ୍ ଅବଧି ୨୦୨୦ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଛି। ଏହି ସବୁ ଖଣିରେ ବର୍ଷକୁ ୬୦ ନିୟୁତ ଟନ୍ ଖଣିଜ ଉତ୍ପାଦନ କରାଯାଉଛି। ଯଦି ଜଙ୍ଗଲ ଓ ପରିବେଶ ମଂଜୁରି ଠିକ୍ ସମୟରେ ହସ୍ତାନ୍ତର ହୋଇନପାରିବ ତେବେ ଏହି ସବୁ ଖଣିରେ ଉତ୍ପାଦନ ବନ୍ଦ ହୋଇଯିବ ଯାହା ରାଜ୍ୟରେ ଥିବା ଧାତୁ ଖଣିଜ କଂପାନି ଲାଗି କଂଚାମାଲ ସମସ୍ୟା ସୃଷ୍ଟି କରିବ।'' କୋଇଲା ଖଣି ନିଲାମରେ ଯେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଉଛି ଯେହି ନିୟମକୁ ଅଣ କୋଇଲା ଖଣି ନିଲାମ ବେଳେ ଲାଗୁ କରିବାକୁ ସେ ଦାବି କରିଛନ୍ତି। କୋଇଲା ଖଣି ନିଲାମରେ କଂପାନିର କାରବାର ପରିମାଣକୁ ବିଚାରକୁ ନେଇ ଖଣି ଦିଆଯାଉଛି। ମାତ୍ର ଅଣ କୋଇଲା ଖଣିରେ ସେହି ବ୍ୟବସ୍ଥା ନାହିଁ। ଏକ୍ଷେତ୍ରରେ କମ୍ କାରବାର କରୁଥିବା ଏକ କଂପାନି ବାରମ୍ବାର ଖଣି ନିଲାମରେ ଭାଗ ନେଇ ଅଧିକ ଖଣି ପାଇବାର ସୁଯୋଗ ରହିଛି। ଯେହେତୁ ଉକ୍ତ କଂପାନିର କାରବାର ପରିମାଣ କମ୍ ଥିବ ତେଣୁ ତାହା ପାଇଥିବା ଖଣିକୁ ଠିକ୍ ସମୟରେ ବିକଶିତ କରିପାରିବ ନାହିଁ। ଦରକାର ପଡ଼ିଲେ ଉକ୍ତ କଂପାନି ଦେବାଳିଆ ହୋଇଯାଇପାରେ ବୋଲି ସେ କହିଛନ୍ତି।ଉତୋଳନ ବିଷୟରେ ମଧ୍ୟ ସେ ଆଲୋଚନା କରି କହିଛନ୍ତି ଯେ, ଦେଶରେ ଗଚ୍ଛିତ ଥିବା ମାତ୍ର ୧୦% ଖଣିଜ ପଦାର୍ଥର ଉତୋଳନ ହେଉଛି। ଏହି ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବା ଦରକାର। ନିମ୍ନ ମାନର ଖଣିଜ ପଦାର୍ଥରେ ମୂଲ୍ୟ ଯୋଗ କରିବା (ବେନିଫିକେସନ) ଉପରେ ମଧ୍ୟ ଖଣିଜ ଶିଳ୍ପ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଉଚିତ ବୋଲି ସେ କହିଛନ୍ତି। ସେ କହିଲେ, ଭାରତରେ ୧୫୦ ନିୟୁତ ଟନ୍ ନିମ୍ନ ମାନର ଖଣିଜ ପଦାର୍ଥ ଉତ୍ପାଦନ ହେଉଥିବା ବେଳେ ସେଥିରୁ ୮୦ ନିୟୁତ ଟନ୍ ଓଡ଼ିଶାରେ ଉତ୍ପାଦିତ ହେଉଛି। ଯଦି ସେହି ସବୁ ଖଣିଜ ପଦାର୍ଥରେ ମୂଲ୍ୟଯୋଗ କରାଯାଇପାରିବ ତେବେ କିଛି ବର୍ଷ ଭିତରେ ଦେଶରୁ ଲୁହା ପଥର ଅଭାବ ଦୂର ହୋଇପାରିବ। ହେମାଟାଇଟ୍ ଓ ମ୍ୟାଗ୍ନେଟାଇଟ୍‌ର ବେନିଫିକେସନ୍ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଖଣିଜ ପଦାର୍ଥ ପରିବହନ ସମସ୍ୟାକୁ ଦୂର କରିବା ଉପରେ ଧ୍ୟାନ ଦେବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଖଣିଜ ପଦାର୍ଥ ପରିବହନ କରିବାର ଖର୍ଚ୍ଚ ୨୪-୨୫% ରହିଛି। ଇସ୍ପାତ ଓ ସେ ସମ୍ପର୍କିତ ଉତ୍ପାଦର ପରିବହନ ଉପରୁ ଟାରିଫ୍ କମ କରିବା ଲାଗି ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ବନ୍ଦରଗୁଡ଼ିକରେ ଅଧିକ ଭିଡ଼ ରହୁଛି। ତାହାକୁ କମ୍ କରିବା ଲାଗି ବନ୍ଦର ଆଖପାଖର ୫-୧୦ କିମି ଭିତରେ କନଟେନର ଡିପୋ ସ୍ଥାପନ କରିବା ଲାଗି କଂପାନିଗୁଡ଼ିକୁ ଅନୁମତି ଦେବାକୁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟତୀତ ସ୍ଲରି ପାଇପ୍‌ଲାଇନ୍ ବିଛାଇବା ଏବଂ ଜଳପଥରେ ଖଣିଜ ପଦାର୍ଥ ପରିବହନ ଲାଗି ବ୍ୟବସ୍ଥା କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଖଣି କାର୍ଯ୍ୟରେ ଡ୍ରୋନ୍ ଓ ଟେଲିମେଟ୍ରି ପ୍ରଯୁକ୍ତିର ବ୍ୟବହାର କରିବା ଉପରେ ମଧ୍ୟ ସେ ଜୋର ଦେଇଛନ୍ତି।ଏହି ଅବସରରେ ଆଇସିସି ଓଡ଼ିଶା ଶାଖା ପରିଷଦର ଅଧ୍ୟକ୍ଷ ଏମ୍ ସି ଥୋମାସ ଓ ସହ-ଅଧ୍ୟକ୍ଷ ଜେ ବି ପାଣି ଉପସ୍ଥିତ ଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray